ଚିରନ୍ତନ

ସଂଖ୍ୟା ୩୫, ସେପ୍ଟେମ୍ବର୍ ୨୧, ୨୦୧୫

Chirantana

Jagannath Organization for Global Awareness (JOGA)
Newsletter, Issue No: 35, September 21, 2015
http://www.jogaworld.org

ଆଜି ପଢନ୍ତୁ ଓଡିଆ ବିଭାଗ

"ଉନ୍ମୋଚନ"

Contents

Article	Author	Page No
Bhagabat Gita	JOGA Report	2
ଶ୍ରୀ ଜଗନ୍ନାଥଙ୍କ ମନ	JOGA Report	3
Upcoming Programs by JOGA	JOGA Report	4
Recently Completed Programs by JOGA	JOGA Report	4
Children's Special in September	JOGA Report	4
Rathayatra – Hindu Temple	JOGA Report	5
Snana Yatra – Hindu Temple	JOGA Report	9
Holi - Hindu Temple	JOGA Report	10
Monthly Bhajan Program News	JOGA Report	14
Bisuba Milana – Odia Poetry Reading	JOGA Report	16
Visits by Utpal Pati and Swami Atmanand	JOGA Report	17
Poems/Stories/Essays		17
Bhakta Prahlad	Abhinna Das	17
କୃତଜ୍ଞତା	ଭଗବାନ ଦାସ	18
ତୁମେ ଏକା ପ୍ରଭୁ ବନ୍ଧୁ, ସାହା ମୋର	ବିଜ୍ଞାନୀ ଦାସ	19
ଗୀତାରେ କର୍ମଯୋଗ	ଶ୍ରୀ ପ୍ରତାପ ଚନ୍ଦ୍ର ଦାସ	20
Rathayatra 2014 Income & Expense Report	Naresh Das	23
Holi Sponsors	JOGA Report	25
Bhajan Sponsors	JOGA Report	25
Wise Thoughts - Obstacles	JOGA Report	25
Unmochana (Odia Section) **ଓଡିଆ ବିଭାଗ – "ଉନ୍ମୋଚନ"**		26
ଠିକଣା	ଭଗବାନ ଦାସ	୨୮
ବାହୁଡା ବିଜୟ	ଦେବସ୍ମିତା ପାତ୍ର	୨୯
ନିର୍ମାଣ ପରିଯୋଜନା	ବବୁ ସାମଲ	୩୦
ନୟନପଟେ ନିରତେ	ବିଜ୍ଞାନୀ ଦାସ	୩୧
ଜଗନ୍ନାଥ ହେ କିଛିଟା ହେଲେ କର	ଶଶଧର ମହାପାତ୍ର	୩୨
ସ୍ୱଗତୋକ୍ତି	ସୁଲୋଚନା ପଟ୍ଟନାୟକ	୩୪
ଅଭୁଲା ସ୍ମୃତି (ଗଳ୍ପ)	ସରୋଜିନୀ ମିଶ୍ର	୩୫

Bhajan Schedule: Third Saturday of every month
Place: Hindu Temple, 10001 Riggs Road, Adelphi, MD 20783 (Tel: 301-445-2165)
6:00 –9:00 PM Bhajan, Philosophiccal Discussion, Arati, and Prasad

September is Children's Month
The month of September is dedicated to bhajan singing and leading by children.

Chirantana Info:
Chirantana is the bi-annual newsletter of Jagannath Organization for Global Awareness (JOGA). Chirantan is published in February and August months of every year.

Editor: Dr Bigyani Das

Deadlines: Religious, philosophical and educational articles are invited from the authors by January 15 and July 15 of every year for February and August issues respectively. All submissions are subject to review.

Bhagabat Gita: The Sacred Hindu Scripture

ଅପି ଚେତସି ପାପେଭ୍ୟଃ ସର୍ବେଭ୍ୟ ପାପକୃତ୍ତମଃ ।
ସର୍ବଂ ଜ୍ଞାନପ୍ଲବେନୈବ ବୃଜିନମ୍ ସନ୍ତରିଷ୍ୟସି ।।୪-୩୬।।

api chetasi pāpebhyaḥ sarbebhyaḥ pāpa-kṛt-tamaḥ
sarbaṁ jñāna-plabenaiba bṛjinaṁ santariṣyasi ||4-36||

ଏହି ଶ୍ଲୋକଟି ଭଗବଦ୍ ଗୀତାର **ଚତୁର୍ଥ ଅଧ୍ୟାୟରେ** ଛତିଶତମ ପଂକ୍ତିରେ ବର୍ଣ୍ଣନା କରାଯାଇଛି । ଶ୍ରୀ ଭଗବାନ କହିଲେ, "ଯଦି ତୁମେ ସମସ୍ତ ପାପୀଙ୍କଠାରୁ ବି ଅଧିକ ପାପୀ ହୋଇଥାଅ, ତଥାପି ଜ୍ଞାନରୂପୀ ନୌକାଦ୍ୱାରା ତୁମେ ନିଃସନ୍ଦେହରେ ସମସ୍ତ ପାପସମୁଦ୍ରକୁ ଉତ୍ତମରୂପେ ପାର ହୋଇଯିବ ।।"

"Even if you are considered to be the most sinful of all sinners, when you are settled in the boat of transcendental knowledge you will be able to cross over the ocean of miseries."

ଶ୍ରୀ ଜଗନ୍ନାଥଙ୍କ ମନ

ଶ୍ରୀ ଜଗନ୍ନାଥଙ୍କର ଅପାର କରୁଣାରୁ ଯୋଗ ସଂସ୍ଥାନ ଭବିଷ୍ୟତର ଜଗନ୍ନାଥ ମନ୍ଦିର ନିର୍ମାଣ କରିବାର ଉଦ୍ଦେଶ୍ୟରେ ଜମିକିଣି ଭୂମିପତିଷ୍ଠା କରିବାକୁ ସକ୍ଷମ ହେଲା । ସ୍ୱୟଂ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ବିଗ୍ରହ ମଧ୍ୟ ଆସି ପହଞ୍ଚିଗଲେ । ତେବେ ହୋଇପାରିଲାନି ମୂର୍ତ୍ତିପ୍ରତିଷ୍ଠା । ଭଗବାନଙ୍କର ଇଚ୍ଛାକୁ ବା କିଏ ବୁଝେ, କିଏ ଜାଣେ ? ଆମେମାନେ ତ କିଛିକିଛି ଭାବୁଛୁ, ହେଲେ ଯାହା ଭାବନା ଆସୁଛି, ସେ ଭାବନା ବି ତାଙ୍କ କୃପାରୁ ଆସୁଛି ଓ ସେଇ ହିଁ କେବଳ ଏ ଭାବନାକୁ ରୂପାନ୍ତରିତ କରାଇବାରେ ପଥ ଦେଖାଇପାରିବେ । ଆମମାନଙ୍କର ବିଶ୍ୱାସ ଯେ, ଜଗନ୍ନାଥଙ୍କ ପାଇଁ ଏ ଯେଉଁ ସ୍ୱତନ୍ତ୍ର ମନ୍ଦିରର ପରିକଳ୍ପନା, ଏହା ନିଶ୍ଚୟ ସତ୍ୟରୂପ ନେବ ଏବଂ ଜଗନ୍ନାଥ ଓ ଓଡିଆ ସଂସ୍କୃତିର ଏକ ମୂଳାଧାର ହୋଇ ଆମେରିକାର ରାଜଧାନୀ ୱାଶିଂଟନ୍ ଡିସିରେ ସାଂସ୍କୃତିକ ଆକର୍ଷଣ ସାଜିବ । ଚିରନ୍ତନର ଏହି ସଂଖ୍ୟାଟିରେ ତେଣୁ ପ୍ରଥମରେ ସେହି ମହାପ୍ରଭୁଙ୍କର ବନ୍ଦନା ପରିବେଷଣ କରୁଛୁ ।

ଭୁଜତଳେ ମୋତେ ରଖ ମହାବାହୁ

ଭୁଜତଳେ ମୋତେ ରଖ ମହାବାହୁ
ବାହୁତଳେ ମୋତେ ରଖ
ବିପୁଳ ଭୁଜ ବିସ୍ତାରୀ ଦେଲେ ଛାର
କି କରିପାରିବ ଦୁଃଖ, ମହାବାହୁ ।ପଦ।
ସଜ ହୋଇଥିବ ନନ୍ଦିଘୋଷ ରଥ
ମୁଁ ଥିବି ତୁମ୍ଭ ସେବାରେ
ତୁମ୍ଭେ ଦୀନବନ୍ଧୁ ନିର୍ଦ୍ଦୟ ହୋଇଲେ
କି ବୋଲିବେ ଏ ସଂସାରେ, ମହାବାହୁ ।୧।
ଦିନକୁ ଦିନ ତ ଦୁଃଖ ଅତିରେକ
ସୁଖ ତ ଦିଶଇ ନାହିଁ
ଭାସି ଯାଉଅଛି ଏ ଭବ ସାଗରେ
ରକ୍ଷାକର ଭାବଗ୍ରାହୀ ମହାବାହୁ ।୨।
ମୁଁ ଛାର ପତିତ ଭରସା ରଖିଛି
ଶୀରଙ୍ଗା ଚରଣ ତଳେ
ଶ୍ରୀ ବୀରକେଶରୀ ମହାରାଜ ଭଣେ
ଦୟାକର ଏତେବେଳେ ମହାବାହୁ ।୩।

ହେ ପରମପିତା ହେ ପରମଗୁରୁ

ହେ ପରମପିତା ହେ ପରମଗୁରୁ,
ହେ ପରମ ନିରଞ୍ଜନ

ଅଖିଳମୋହନ ନିଖିଳ ନିଦାନ (୨)
ଜଗତଜୀବନ, ଜୟ ଘନଶ୍ୟାମ
ତୁମେ ରାମ, ତୁମେ କୃଷ୍ଣ, ତୁମେ ପରଂବ୍ରହ୍ମ
ତୁମେ ହରି, ବ୍ରହ୍ମା, ଶିବ, ସତ୍ୟ ସନାତନ
ଶରଣରକ୍ଷଣ ଘେନ ନିବେଦନ
ଗାଇ ତୁମ ନାମ ପ୍ରଭୁ ଯାଉ ଏ ଜୀବନ
ଜୟ ରାମ ରାମ ରାମ ରାମ, ଜୟ ଘନଶ୍ୟାମ ।୧।

କଂସ ନିସୂଦନ, ହେ ମଧୁସୂଦନ
ରାଧିକାମୋହନ, ବଂଶୀବଦନ
ତୁମେ ଭଗବାନ ଭକତଜୀବନ
ଭକତିରେ ବନ୍ଧା ଜନମ ଜନମ
ଶରଣରକ୍ଷଣ ଘେନ ନିବେଦନ
ଗାଇ ତୁମ ନାମ ପ୍ରଭୁ ଯାଉ ଏ ଜୀବନ
ଜୟ ରାମ ରାମ ରାମ ରାମ, ଜୟ ଘନଶ୍ୟାମ ।୧।

Upcoming Programs by JOGA

Chhapana Bhoga Offering and Mahamantra Chanting, December 2015

During the December month's bhajan program 4-hour non-stop mahamantra chanting and chhapana-bhoga offering will be organized by JOGA volunteers.

Reports on Recently Completed JOGA Events

September as Children's Month (September 12. 2015)

JOGA celebrated the month of September as children's month. For this year the bhajan program took place on September 12 as Ganesh Puja was scheduled for September 19th. The children Aryan Patra, Sulagna Dash, Saurabh Panda, Bisnu Dash, Debanshi Chowdhury, Spandan Das and Sauman Das sang beautiful bhajans. Atasi Das and Sagarika Pattnaik taught students about rituals in a puja and Odia terms used in a puja. The bhajans by the adult group were contributed by Pranati Dash, Sujit Das, Suprabhat Rath, Bigyani Das, Maushumi Patnaik and Debaki Nandan Chowdhury. The instrument accompaniment was provided by Surendra Ray, Suprabhat Rath and Naresh Das. The pictures of the program are available at:
https://picasaweb.google.com/114968136254737410613/ChildrenMonthSeptember2015?authuser=0&authkey=Gv1sRgCIim66Ckj7r5jgE&feat=directlink

The prasad was sponsored by Sujit and Pinky Das of Virginia for Pinky's birthday, Naresh and Bigyani Das of Maryland for the birthdays of their two daughters Bagmi and Shashwati and Devraj and Urmila Sahu of Maryland for their son Bikash's birthday.

Rathayatra (Chariot Festival) on July 18, 2015 (At Hindu Temple)

Like every year for the last seven years, JOGA organized annual Rathaytra, i.e., chariot festival on July 18, 2015. This was the 8th year of celebration after the installation of the deities at Hindu temple in Adelphi, Maryland. The program included, Deity Puja, Ratha Puja, Chhera Pahanra, Chariot Pulling, Bhajan and Mahaprasad. There were two chariots, one for the children as Krishna and Balaram and one for the deities.

The puja was performed by Nrusingha Chaitanya prabhu. Joy Gopal Mohanty did the chhera-pahanra .

The chariots were pulled by the enthusiastic crowd in one mile neighborhood radius. There were drums, music and singing by the talented singers of the community and dancing by the devotees. The weather was mild. The rain had started at about 11 AM and stopped around 11:30 AM, just before the starting of the procession. Coconut and other nuts with moong sprout were distributed on the way to keep the people's energy level for the walk and for the dance. Colorful Pipili umbrellas added additional colors to colorful Odissi sarees and dresses. Overall a great scene to capture in the memory lane.

Finally Lord arrived back at the temple at about 12:30 PM.

The devotees were offered watermelon and the deities were taken to their aunt's residence. The devotees were then offered mahaprasad. The prasad part was handled by Anjana Chowdhury in the lead assisted by many volunteers including Tapas Panda, Mira Mohapatra, Sagarika Patnaik, Sulochana Patnaik, Bandita Mishra, Atasi Das etc. These volunteers fed about 400 devotees.

After the chariot pulling and mahaprasad, the music program by the visiting artists from Odisha was held. This was coordinated by Surendra Ray. Debashish Mohapatra as well as local artists sang with the support of musicians.

The chariot decoration, painting and other formalities were taken care of by Jeff Price, Maushumi Pattnaik, Shashashar Mohapatra, and Naresh Das.

On July 19th, 2015 (Sunday), Lord Jagannath, Devi Subhadra and Lord Balabhadra returned to their regular Mandap in the Bahuda Jatra.

The events are possible by generous donations by Odia families and the participation of the devotees. Many volunteers assisted in fundraising, food and Prasad preparation, decoration, puja services and other services. Mrs Sulochana Pattnaik led the fundraising effort.

Rathayatra Pictures: http://www.babru.com/Ryatra15

Snana Jatra on June 20, 2015 (At Hindu Temple)

Snana Purnima was observed on June 20, Saturday. Irrespective of the busy schedule of the Washington DC Odia community in preparation for the upcoming convention, Lord Jagannath arranged the congregation of His devotees for the ritual. Pratap Dash performed the puja. Meera Mohapatra arranged the puja items. There was rain, storm that started around 7 PM. With Lord's intent there was a tent already built and the snana-jatra puja rituals were conducted peacefully while the sound of storm was so near. The devotees tried to protect the altar from the effects of the rain. The devotees Debaki Nandan Chowdhury, Pranati Panda, Nrusingha Mishra continued bhajans. The program was sponsored by Jhinu and Shantanu Chhotray, Sangeeta and Prafulla Nayak, Kanchan Mohapatra and Sujata and Gyana Bohidar. A jajnya was also held for the overall well being of the devotees. This was a very auspicious experience.

Report on Holi on March 7, 2015

JOGA organized 17th Holi celebration at Hindu Temple on March 7, 2015. This was the actual day of Holi and amidst the snow storms that had affected the Washinton DC area for more than a month, we observed the event on this day. This was attended by more than 200 participants including young and old.

The whole of February was a complete disaster. It almost snowed in every weekend affecting the practice schedule of the program participants. However, by some miracle today it was a beautiful day. The melana started at about 4 PM. After melana and Arati bhoga was served.

Cultural coordinators Snigdha Hota, Maushumi Pattanayak, Deepa Parija (Das), Sanghamitra Sahu, Bigyani Das worked together to manage the huge responsibility of organizing this grand event where around 60-70 children participated. Mrunali Das gave the welcome address after which MC Snigdha Hota from the cultural team took charge of the evening.

Irrespective of the difficulties faced for group practices, the enthusiastic children and adults had practiced many group items and presented them beautifully. The main attraction was the "sangita murchhana" which captivated the audience in the late hour. There were two dramas presented: one by the adult group "Ama Gharara Halchal" and another by the children "Jananira Ashirbada".

Section 1:

1.Bhajan Mangalacharan & Holi Welcome Song
Participants: *Pranati Dash, Bigyani Das, Meera Mohapatra, Surendra Ray (on Tabla)*
2. Odissi Basant Pallavi: *Sulagna Dash and Suchismita Ojha – Pallabi's Dance School.*
3. Dance: *Rajit Rath, Adhya Channashetti, Ayush Narayan Mishra , Sahashra Jakleti, Aaradhya Pradhan, Samarth Korada , Ashwin Nayak, Ahana Samantray (Choreography: Tapasi Panigrahi)*
4. Dance Medley: *Yash Sahoo,Ayush Tripathy, Amogh Katiki, Akshat Rout, Anahi Sahoo (Choreography : Subhra Sahoo)*
5. Dance**:** *Anik Bakshi,Advika Dixit, Samprit Sarangi, Simran Sarangi, Arnav Das, Arpita Behera, Ashvik Mahapatra, Bedanshi Sahu (Little ones) (Choreography: Nirlipta Daschowdhury)*
6. Dance Medley: Abhinna Das, Adwaita Das (Choreography: Atasi Das)
7. Dance: *Prerna Polepally, Shree Bhattacharya (Choreography: Tapasi Panigrahi)*
8. Dance: *Anisha Ray (Coordinator: Milie Ray)*

Section 2:

12. Children's Drama *– Jananira Ashirbada: Sulagna Dash, Suchismita Ojha, Subham Dash, Ajeetesh Ojha, Debanshi Nikita Chowdhury (Director: Pratap Dash)*

13. Odissi Basant Pallabi : *Zaina, Hansika, Amrita (Konark Dance School – Director: Jayantee Paine Ganguly)*
14. Odissi: *Guru Amulya Balabantaray (Pallabi's Odissi School)*
15. Odissi Mangalacharan: *Debanshi Nikita Chowdhury and Simran Behera (Konark Dance School – Director: Jayantee Paine Ganguly)*
16. Kathak Classical: *Sarasi Rout*
17. Bharat Natyam: *Amrita Nandi*

Section 3:

18. Dance: *Aditya Behera, Ritisha Dixit, Ritwik Hota, Raunak Hota, Prabhav Panda (Choreography: Nirlipta Daschowdhury)*

19. Dance: *Rishit Rath, Aditya Narayan Mishra, Sachet Korada*
Swaroop Panda, Abhinna Das, Ishaan Samantray
Aditi Bhargava, Aditi Channashetti, Sanya Gupta, Sanvi Sara Das (Choreography: Tapasi Panigrahi)

20. Odissi (Jaya Sankha Chakradhara): *Renee Dola Sen, Anika Satapathy, Manaswee Mishra (Mayur Dance School: Director: Sukanya Mukherjee)*

21. Odissi Group (Lalita Labangalata): *Smriti Nayak, Sunanda Bhushan, Atasi Das, Swagatika Swain, Tapasi Panigrahi*

Section 4:

22. Odia Folk Dance: *Aishani Patnaik, Amrita Sahu, Leena Satpathy, Lin Sahu, Shreya Tripathy, Urvi Dhala (Organizer/Choreographer: Linie Dhal)*

23. Dance by Adults: *Bipsha, Anuradha, Shinee, Litil, Nirlipta, Ipsa (Choreographer: Nirlipta Daschowdhury)*

24. Odia Sangita Murchhana: *Mihir; Shivashis Hota, Subhalaxmi; Kirtan Sahoo, Disha Das, Deepa Parija, Maushumi Pattanayak, Pranati Panda, Utkal Nayak (Organizer: Deepa Parija and Maushumi Pattanayak)*

25. Drama (Ama Gharara Halchal): *Joy Gopal Mohanty, Sulochana Patnaik, Bigyani Das, Sikhanda Satapathy, Manoj Mishra, Snigdha Hota*

26. ***Odissi (Radharani Sange Nache):*** *Tapasi Panigrahi*

DINNER (Prasada) : **8:30 PM: Anjana Chowdhury, Tapas Panda, Naresh Das**, **Urmila Sahu**
Decoration: *Maushumi Pattanayak, Sikha Sen, Snigdha Hota, Naresh Das*
Stage Management/Sound/Help: *Shivashis Hota, Saroj Behera, Manoj Mishra*
Registration: *Sidharth Mohapatra, Alok Mohanty, Soumya Pattnayak, Mitali & Subrat Mohanty, Bidya Parhi*

The participants enjoyed delicious Prasad. Holi pictures are available at http://www.babru.com/Holi14. Many enjoyed playing of colors and spent the day being relaxed.

Monthly Bhajan Program News

After Holi in March, April month's bhajan program was held at Hindu Temple on April 18, 2015. Atasi Das started teaching Odia to the children, making them practice vocabulary. Prakash and Manswini Sahu sponsored the program today. Atasi continued Odia teaching on May 16th program. May month bhajan program was sponsored by Meera and Shashadhar Mohapatra.

Snana Jatra was held during June month's bhajan program and Rathajatra was held in July.

During the month of August, because of temple activities, the bhajan program was held on August 22nd, 2015. The program was sponsored by three families. They are: Bhakta Rath in memory of his wife Sushama Rath's first anniversary, Urmila Mohapatra in memory of her husband Dr. Manidra Mohapatra's tenth anniversary and Lalit and Hema Behera to celebrate their son Sandeep's birthday. The program was captured in pictures by Dr Babru Samal (http://www.babru.com/SushamaBhajan/)

We are very fortunate to have most of the senior members of the Odia community from DC metro area present in the bhajan program. Special thanks to Dr Bhakta Rath for personally inviting each of them.

We would like to thank Urmila Sahu, Bigyani Das, Tapas Panda, Hemagini Behera, Bandita Mishra and Sagarika Pattanaik for help in Prasad preparation. Thanks to Pratap Dash for performing puja. Beautiful bhajan songs were presented by Pranati Dash, Bandita Nayak, Nrusingha Mishra, Bigyani Das, Disha and Madhumita, and younger members of our community Sulagna, Visnu, Arya, Saurabh, Debanjan, and Simran.

Odia Poetry Reading: June 6, 2015

The first poetry reading session of the year was held on June 6th, 2015 at 6:30 PM at 4525 Rutherford Way, Maryland. Washing DC community was busy for the preparation of the convention and thus the Poetry reading even was held after the meeting of the editorial committee to take advantage of the time. Many were not able to attend because of various practices and team meetings. However, the enthusiasts that attended had great time, great food and fun. They are Joy Gopal Mohanty and Sulochana Mohanty, Devraj Sahu and Urmila Sahu, Shashadhar Mohapatra, Babru Samal, Manoj and Snigdha Mishra, Abani and Debasmita Patra, Bigyani and Naresh Das, Surya Mishra and Alpana Adhikari.

Visits and Talk by Mr Utpal Pati and Swami Atmanand (September 5, 2015)

There was a multi media presentation on "Origin of Lord Jagannath" by Mr. Utpal Pati, Deputy director of Odisha Govt. Tourism department who was visiting USA for short duration. The presentation was held at Jagannath temple premises on Saturday, September 5th at 2:00 PM. His talk covered the history from 600 BC to till 2015 Navakalevar.

By coincidence Swami Atmanand from Satya Chetna Foundation was also visiting with his wife during that time. He came to visit the temple site as well as listen to Mr Pati's talk. After Mr Pati's talk, he briefed about his experience of experiment with his life in quest of true knowledge about life and its purpose. He had wandered for years even eating the offerings made in funeral sites and had become silent for months without uttering a word.

It was very interesting to listen to the two speakers and gain knowledge from their experience.

Poems/Stories/Essays

Bhakta Prahlad

Abhinna Das, Germantown, MD

This story is about a boy whose name was Prahalad. He was a great devote of Lord Vishnu. His mother's name was Kayadhu and his father's name was Hiranyakashipu. Hiranyakashipu was a demon. He was an evil king of demons. Hiranyakashipu has a younger brother whose name was Hiranyakash. Lord Vishnu killed Hiranyakash for his bad deeds. So, Hiranyakash's big brother Hiranyakashipu got angry. He wanted to take revenge of his younger brother's death and wanted to kill Lord Vishnu. So, Hiranyakashipu went to Himalayas and began to perform severe prayers for several years. Finally after so many years, Lord Brahma was pleased with his penance and asked Hiranyakashipu for a boon. Hiranyakashipu asked that "May I never be killed neither by any weapon nor any creature made by you, neither in the day nor in the night, and neither on earth nor in the sky". Lord Brahma agreed to this boon and gave it to Hiranyakashipu.

While Hiranyakashipu was in Himalayas, his wife, queen Kayadhu was having a baby. Narad muni was taking care of Kayadhu and always teaching good lessons and devotion for GOD to her. At the right time, queen Kayadhu gave birth to a very beautiful boy, Prahalad. Prahalad was listening to all the teachings of Narad Muni while in his mother's tummy. Prahlad was a pure devote of Lord Vishnu. He has full control over his senses, body and mind. He did not have any desires. He was very truthful and always wished well for everyone. He was not like his dad at all. You can say he was completely opposite to his father's nature. Prahalad remained fully submerged in devotion to Lord Vishnu right from his childhood.

When Prahlad was five years old he started his education. Two demon sages Shanda and Amark taken the charge of teaching Prahlad. They started teaching all sorts of bad things to Prahalad and his friends. They taught that eat meat, drink wine, disrespect the devotees ….Prahalad was against those demonic teachings and started teaching good things to his friends. He started sharing the devotion for Vishnu to his friends.

Both his teachers were unhappy with this and they took Prahalad to his father Hiranyakashipu. Both the teachers complained for Prahalad's behavior. Hiranyakashipu was very angry to hear that. He decided to kill Prahlad. Hiranyakashipu tried several different ways to kill Prahalad but failed every time. HE gave poison to drink but that did not hurt Prahlad. He tried to kill Prahalad in the fife but failed to do so. Hiranyakashipu got so much mad that he tried to kill his own son by himself. So tied Prahalad in a pillar. And told that I am going to kill you now. Call your GOD Vishnu to protect you.

Prahalad replied to his father that Lord Vishnu is present everywhere. He is the protector of all. Before Prahalad finishes his words, his angry father started hitting the pillar with his weapon. As soon as the weapon touches the pillar, it broke apart. A very scary thundering sound started. Everyone was panicked. They saw a creature coming out of that pillar. That creature has a lion face and a human body. This is none other than Lord Vishnu. This incarnation of Vishnu is called Narsimha. Narsimha roared angrily. He attacked Hiranyakashipu and Hiranyakashipu was not able to escape from Lord Narsimha. Then he put Hiranyakashipu on his thighs and killed him with his sharp nails. The time was evening time which is not the day time or night time. In this way Hiranyakashipu died. Lord Narsimha was very happy and pleased with Prahalad. He blessed Prahalad for all his good deeds and gave him boon. This is the story of Prahalad.

କୃତଜ୍ଞତା

ଭଗବାନ ଦାସ, ଶହୀଦ ନଗର, ଭୁବନେଶ୍ୱର

କିପରି ବର୍ଣ୍ଣିବି ପ୍ରଭୁ ମୋର କୃତଜ୍ଞତା
ଜୀବନରେ ଭରିଦେଲ କେତେ ମାଦକତା ।୧।
ଦୁର୍ଲଭ ମାନବ ଜନ୍ମ ଦେଲ ଦୟାକରି
ଯଦି ମୋ ପ୍ରାରବ୍ଧ ଥିଲା ତୁମ ବାହାଦୁରୀ ।୨।
ସ୍ନେହ ଶ୍ରଦ୍ଧା ପ୍ରେମ ଆଉ ବାତ୍ସଲ୍ୟ ରସରେ
ବଢାଇଲେ ପିତାମାତା କେତେ ଯତନରେ ।୩।
ଭାଇ ବନ୍ଧୁ ପରିଜନ ଦେଲ ଭଳି ଭଳି
ବିପଦ ଆପଦ ବେଳେ ସର୍ବେ କୋଳାକୋଳି ।୪।
କ୍ଷୁଧା ଓ ରସନା ପାଇଁ ସୁସ୍ୱାଦୁ ବ୍ୟଞ୍ଜନ
ଖଞ୍ଜିଦେଇ ଅଛ କେତେ ନକରି କାର୍ପଣ୍ୟ ।୫।
ରଚିଲ କୋଟି ବ୍ରହ୍ମାଣ୍ଡ ଜଳ ସ୍ଥଳ ବାୟୁ

ସବୁଠାରେ ତୁମ ଲୀଳା ଦିଶେ ହାଉଯାଉ ।୬।
ଯଉବନ କ୍ଷୁଧା ପାଇଁ ଖଞ୍ଜିଦେଲ ସାଥୀ
ଜୀବନ ରଥରେ ତୁମେ ସାଜିଲ ସାରଥୀ ।୭।
ବୁଦ୍ଧି କଉଶଳ ତୁମ ଅଟେ ଧନ୍ୟଧନ୍ୟ
ଏ ଛାର ମାନବ କିବା ବୁଝଇ ସାମନ୍ୟ ।୮।
ନାନାବିଧ ସମ୍ଭାରରେ ଗଢିଲ ପ୍ରକୃତି
ବର୍ଣ୍ଣିକି ପାରୁଛି ମୁହିଁ ତୁମ ଗୁଣ କୀର୍ତ୍ତି ।୯।
ସଂସାରର ଦୁଃଖ ଦୈନ୍ୟ ଯାଏ ଅପସରି
ତୁମ ପ୍ରତି ଆସ୍ଥା ଥରେ ଦେଲେଟି ବିସ୍ତାରି ।୧୦।
କି ଆନନ୍ଦମୟ ତୁମ ସୃଷ୍ଟିର ରହସ୍ୟ
ଲିଭୁ ମୋ ଜୀବନଦୀପ ହୋଇ ହସହସ ।୧୧।

ତୁମେ ଏକା ପ୍ରଭୁ ବନ୍ଧୁ, ସାହା ମୋର

ବିଜ୍ଞାନୀ ଦାସ, ଡେଟନ୍, ମେରୀଲାଣ୍ଡ୍

ସୁଖରେ ଦୁଃଖରେ, ହସରେ କାନ୍ଦରେ
ତୁମେ ଏକା ପ୍ରଭୁ ବନ୍ଧୁ, ସାହା ମୋର
ଢାଳି କୃପା ଜଳ, ଦେଇ ମନେ ବଳ
ତୁମେ ଜାଳିଦିଅ ଆଶା ଆଲୁଅର ।ପଦ।

ସେଇ ଆଶାବତୀ ଧରି, ଚାଲେ ମୁଁ ଘନ ଜଙ୍ଗଲରେ
ଭୁଲି ବାଘ, ସିଂହ, ଭୟ, ତୁମରି ନାମ ଭରସାରେ ।
ସେଇ ନାମ ମୋର ମନ୍ତ୍ର ଜୀବନର ।୧।

ଝରେ ନୟନରୁ ଲୁହ, କେତେ ଯେ ଦୁଃଖ ବେଦନାରେ
ଦିଅ ଏତେ କିଂପା ଦୁଃଖ, ମରମ ବିଦାରି କଣ୍ଠାରେ ।
ବହେ ତହୁଁ ନିତି ଧାରା ରକତର ।୨।

କରେ ପ୍ରାର୍ଥନା ମୁଁ ପ୍ରଭୁ, ନିତି ସେ ପଦ୍ମ ଚରଣରେ (ତୁମ କମଳ ଚରଣରେ)
ମୋର ସଂସାର ହସାଅ, ତୁମ ଆଶୀଷ, ଅମୃତରେ ।
ଶୁଭ ଗୀତି ଗାଉ ପ୍ରତିଟି ସକାଳ ।୩।

ଗୀତାରେ କର୍ମଯୋଗ

ଶ୍ରୀ ପ୍ରତାପ ଚନ୍ଦ୍ର ଦାସ, ଭୁବନେଶ୍ୱର

ଗୀତା ଏକ ଅତୀବ ଅଲୌକିକ ଓ ରହସ୍ୟମୟ ଗ୍ରନ୍ଥ । ମନୁଷ୍ୟର ଉଦ୍ଧାର ଓ କଲ୍ୟାଣ ପାଇଁ ଅନେକ ସହଜ ଉପାୟ ଭଗବାନ ଶ୍ରୀକୃଷ୍ଣଙ୍କ ମୁଖ ନିଃସୃତ ବାଣୀରୁ ମିଳିଥାଏ । ଭଗବତ ଗୀତାର ଉଦ୍ଦେଶ୍ୟ – ମାନବ ଜାତିକୁ ଭୌତିକ ସ୍ଥିତିରୁପକ ଅଜ୍ଞତାରୁ ଜୀବନର ପ୍ରକୃତ ଉଦ୍ଦେଶ୍ୟ ଓ ତାର ଦିବ୍ୟ ସ୍ୱରୂପ ସ୍ଥିତିକୁ ଜଣେଇ ଦେବା । ସେଥିପାଇଁ ମହାଭାରତର ଭୀଷ୍ମ ପର୍ବରେ ଗୀତାକୁ "ସର୍ବଶାସ୍ତ୍ରମୟୀ ଗୀତା" ଅର୍ଥାତ୍ ଶାସ୍ତ୍ରମାନଙ୍କ ମଧ୍ୟରେ ଗୀତା ହିଁ ଶ୍ରେଷ୍ଠ ଶାସ୍ତ୍ର କୁହାଯାଇଛି ।

କର୍ମଯୋଗ କର୍ମ ଓ ଯୋଗ ଦୁଇଟି ଶବ୍ଦର ସମଷ୍ଟି । କର୍ମର ଅର୍ଥ କରିବା । ଯେଉଁ ସମଷ୍ଟିର ଶକ୍ତି ଦ୍ୱାରା ମନୁଷ୍ୟର ଶରୀର, ବୃକ୍ଷ ଇତ୍ୟାଦିର ସର୍ଜନା ହୁଏ, ବୃଦ୍ଧି ହୁଏ ଓ ହ୍ରାସ ହୁଏ, ସେଇ ସମଷ୍ଟି ଶକ୍ତି ଦ୍ୱାରା ମନୁଷ୍ୟର ଦେଖିବା, ଚାଲିବା, ଶୁଣିବା, ଖାଇବା, ପିଇବା ଇତ୍ୟାଦି ସମସ୍ତ କ୍ରିୟା ହୁଏ । ଶରୀର ନିର୍ବାହ ସମ୍ବନ୍ଧୀୟ ଯଥା ନିଶ୍ୱାସ ପ୍ରଶ୍ୱାସ ନେବା, ଖାଦ୍ୟ ହଜମ ହେବା ଇତ୍ୟାଦି ସ୍ଥୂଳଶରୀରର କ୍ରିୟା । ନିଦ୍ରା, ଚିନ୍ତନ ଇତ୍ୟାଦି ସୂକ୍ଷ୍ମଶରୀର କ୍ରିୟା । ଯେତେସବୁ କ୍ରିୟା ସବୁ କିଛି କର୍ମ ।

ଶରୀରରେ ଅହଂଭାବ ଓ ମମତ୍ୱ ଥିବା ପର୍ଯ୍ୟନ୍ତ ଶରୀର ଦ୍ୱାରା ହେଉ ଥିବା ସମସ୍ତ କ୍ରିୟା କର୍ମପଦବାଦ୍ୟ । କର୍ମରେ ଯଦି ଅହଂଭାବ ଓ ମମତ୍ୱ ନଥିବ ତାହେଲେ କର୍ମ ନହୋଇ କ୍ରିୟା ହୋଇଯାଏ । ତେଣୁ ମଣିଷ ଜଣେ ମାତ୍ର ବି କର୍ମ ନକରି ରହି ପାରେ ନାହିଁ । କିନ୍ତୁ ଶାରୀରିକ, ମାନସିକ ଓ ବାଚିକ ଭାବେ ସଂପାଦିତ ସମସ୍ତ କ୍ରିୟାକୁ ଗୀତା କର୍ମ ବୋଲି ସ୍ୱୀକାର କରେ ।

ଅନେକ ଲୋକ କେବଳ ସ୍ଥୂଳ ଶରୀର ଦ୍ୱାରା ହୋଇଥିବା କ୍ରିୟାକୁ କର୍ମ ବୋଲି ଭାବନ୍ତି ଓ ଏଇ କର୍ମ ପାଞ୍ଚ କର୍ମେୟ ଯଥା ବାକ୍, ପାଣି, ପାଦ, ବାୟୁ ଓ ଉପସ୍ଥ ଦ୍ୱାରା ସଂପାଦନ ହୋଇପାରେ । କିନ୍ତୁ ଗୀତା ଶ୍ରୋତ, ତ୍ୱକ୍, ନେତ୍ର, ରସନା ଓ ଘ୍ରାଣ ଏହି ପଞ୍ଚ ଜ୍ଞାନେନ୍ଦ୍ରିୟକୁ ମଧ୍ୟ କର୍ମେନ୍ଦ୍ରିୟ ମନେକରେ । ତାହେଲେ ବର୍ତ୍ତମାନ ପ୍ରଶ୍ନ ଉଠୁଛି ମନୁଷ୍ୟ କ୍ଷଣେକ ମାତ୍ର କର୍ମ ନକରି ରହିପାରେ ନାହିଁ କାହିଁକି ? ଏହାର ଉତ୍ତରରେ ଏତିକି କହିଲେ ଯଥେଷ୍ଟ ହେବ ଯେ ପ୍ରକୃତି ସଦା ସର୍ବଦା କ୍ରିୟାଶୀଳ ଓ କ୍ରିୟାଶୀଳ ପ୍ରକୃତି ସହିତ ମନୁଷ୍ୟର ତାଦାତ୍ମ୍ୟଭାବ ଆତ୍ମୀୟତା ଥିବାରୁ ପ୍ରତ୍ୟେକ ମନୁଷ୍ୟଠାରେ କର୍ମ କରିବାରେ ଏକ ପ୍ରକାର ଆବେଗ ଥାଏ ।

ଗୀତାର ତୃତୀୟ ଅଧ୍ୟାୟର ପଞ୍ଚମ ଶ୍ଲୋକରେ "ନହି କଶ୍ଚିତ୍ କ୍ଷଣମପି ଜାତୁ ତିଷ୍ଠତ୍ୟ କର୍ମକୃତ୍" ଅର୍ଥାତ୍ କୌଣସି ମନୁଷ୍ୟ କୌଣସି ଅବସ୍ଥାରେ କ୍ଷଣମାତ୍ର ବି କର୍ମ ନକରି ରହିପାରେ ନାହିଁ, ବୋଲି ଭଗବାନ୍ କହିଛନ୍ତି । ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତି, ମୂର୍ଚ୍ଛା ପ୍ରଭୃତି କୌଣସି ଅବସ୍ଥାରେ ବି ମନୁଷ୍ୟ କର୍ମ ନକରି କ୍ଷଣ ମାତ୍ର ବି ରହିପାରେ ନାହିଁ ।

କର୍ମ କରିବାରେ ଦୁଇଟି ମାର୍ଗ ଅଛି । ଗୋଟିଏ ହେଲା ପ୍ରବୃତ୍ତି ମାର୍ଗ ଆଉ ଗୋଟିଏ ହେଲା ନିବୃତ୍ତି ମାର୍ଗ । ପ୍ରବୃତ୍ତି ମାର୍ଗକୁ କର୍ମ କରିବା ଓ ନିବୃତ୍ତି ମାର୍ଗକୁ କର୍ମ ନକରିବା କୁହାଯାଏ । ସାଧାରଣ ବିଚାରରେ ଆମେ ଜାଣୁ ଯେ କର୍ମ ବନ୍ଧନର କାରଣ ଅର୍ଥାତ କର୍ମ କଲେ ବନ୍ଧନରେ ପଡିବା ନିଶ୍ଚିତ । ତାହାହେଲେ ମନୁଷ୍ୟ କାହିଁକି କର୍ମରେ ବାନ୍ଧି ହୋଇ ଜନ୍ମମରଣ ରୂପକ ଯନ୍ତ୍ରଣା ଭୋଗିବ ?

ପ୍ରକୃତରେ କର୍ମ ବନ୍ଧନ କାରକ ନୁହେଁ । ଅର୍ଥାତ ପ୍ରବୃତ୍ତି ମାର୍ଗ ହେଉ ବା ନିବୃତ୍ତି ମାର୍ଗ ବନ୍ଧନର କାରଣ ନୁହେଁ । କର୍ମରେ ଯେଉଁ ବନ୍ଧନଶକ୍ତି ଅଛି ଯଥା କାମନା, ଆସକ୍ତି ତାହା ମନୁଷ୍ୟ ଦ୍ୱାରା ସୃଷ୍ଟି । ମନୁଷ୍ୟ ନିଜ କାମନା ତୃପ୍ତି ନିମନ୍ତେ ଆସକ୍ତି ପୂର୍ବକ ନିଜପାଇଁ କର୍ମ କରେ । ସେହି କର୍ମରେ ସେ ନିଜେ ବାନ୍ଧି ହୋଇଯାଏ । ଯଦି କର୍ମରେ କାମନା ନଥିବ, ଆସକ୍ତି ନଥିବ ତାହେଲେ କର୍ମ ବନ୍ଧନକାରକ ନହୋଇ ଦିବ୍ୟ ହୋଇଯିବ, ପ୍ରବୃତ୍ତି ମାର୍ଗ ଉଭୟରୁ ସ୍ୱତଃ ମୁକ୍ତ ହୋଇଯିବ । ଏହା ହିଁ କର୍ମତତ୍ତ୍ୱ । ମନୁଷ୍ୟ କୌଣସି କର୍ମ କଲା ମାତ୍ରେ ଫଳେଚ୍ଛା ଅବଶ୍ୟ ରହେ । ଫଳେଚ୍ଛା ରଖି କର୍ମ କଲେ କର୍ମ ଫଳ ଭୋଗିବା ପାଇଁ ବାରମ୍ବାର ଜନ୍ମ ନେବାକୁ ବାଧ୍ୟ ହୋଇଥାଏ । କର୍ମ ଯଦି ସାତ୍ତ୍ୱିକ ତାହେଲେ ଫଳ ନିର୍ମଳ, କର୍ମ ରାଜସିକ ହେଲେ ଫଳ ଦୁଃଖ ଓ କର୍ମ ତାମସିକ ହେଲେ ଫଳ ମୂଢତା ହୋଇଯାଏ ।

ପତାଞ୍ଜଳି ଯୋଗଶାସ୍ତ୍ରରେ ଚିତ୍ତବୃତ୍ତି ନିରୋଧକୁ ଯୋଗ କୁହା ଯାଇଛି-ଯୋଗର ପରିଣାମ ହେଉଛି ସ୍ୱରୂପରେ ଦ୍ରଷ୍ଟାର ସ୍ଥିତିହେବା । ପତଞ୍ଜଳି ଯୋଗଦର୍ଶନରେ ଯୋଗର ଯେଉଁ ପରିଣାମ ଦର୍ଶା ଯାଇଛି ଗୀତାରେ ତାହା 'ଯୋଗ' ବୋଲି କୁହାଯାଇଛି । ଯୋଗ ମୁଖ୍ୟତଃ ତିନି ପ୍ରକାରର - କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗ । ଗୀତାରେ ସମତାକୁ ଯୋଗ କୁହାଯାଇଛି - 'ସମତ୍ୱଂ ଯୋଗ ଉଚ୍ୟତେ'(୨/୪୮) । କର୍ମରେ ଯୋଗ ଆବଶ୍ୟକ, ଭକ୍ତିରେ ବା ଜ୍ଞାନରେ ଯୋଗର ଆବଶ୍ୟକତା ନାହିଁ କହିଲେ ଚଳେ । କର୍ମ ନିଜେ ହେଉଛି ଜଡ, ବନ୍ଧନ କାରକ ଓ ବିଷୟ । ତେଣୁ କର୍ମରେ ଯୋଗର ନିତାନ୍ତ ଆବଶ୍ୟକ । ତେଣୁ ଗୀତା କର୍ମ ଯୋଗକୁ ଶ୍ରେଷ୍ଠ ବିବେଚନା କରେ । କାରଣ ଜ୍ଞାନଯୋଗ ବିନା କର୍ମଯୋଗ ଆଚରଣ କରାଯାଇପାରେ କିନ୍ତୁ କର୍ମଯୋଗ ବିନା ଜ୍ଞାନଯୋଗ ସମ୍ଭବ ନୁହେଁ ।

ଚତୁର୍ଥ ଅଧ୍ୟାୟର ୨ୟ ଶ୍ଲୋକରେ ଶ୍ରୀ ଭଗବାନ କହିଛନ୍ତି "ଏବଂ ପରଂପରା ପ୍ରାପ୍ତମିମଂ ରାଜର୍ଷୟୋ ବିଦୁଃ; ସ କାଳେନେହ ମହତା ଯୋଗୋ ନଷ୍ଟଃ ପରନ୍ତପ" ଅର୍ଥାତ୍ ପରଂପରା କ୍ରମେ ପ୍ରାପ୍ତ ହୋଇଥିବା ଏହି କର୍ମଯୋଗକୁ ରାଜର୍ଷିମାନେ ଜାଣିଥିଲେ କିନ୍ତୁ ଦୀର୍ଘ ସମୟ ଅତିବାହିତ ହୋଇଥିବାରୁ ସେହି କର୍ମଯୋଗ ମନୁଷ୍ୟଲୋକରେ ଲୁପ୍ତ ପ୍ରାପ୍ତ ହୋଇଗଲାଣି ।
କର୍ମଯୋଗରେ ତିନୋଟି ଅତିବ ଗୁରୁତ୍ୱପୂର୍ଣ କଥା ହେଉଛି

୧· ମୋର କିଛି ନୁହେଁ କାରଣ ମୋର ସ୍ୱରୂପ ସତ୍ ଓ ଅବିନାଶୀ ।
୨· ମୋର କିଛି ଆବଶ୍ୟକ ନାହିଁ, କାରଣ ସତ୍ ବା ସ୍ୱରୂପରେ କିଛି ବି ଅଭାବ ନାହିଁ ।
୩· ନିଜ ପାଇଁ କିଛି କରିବାରେ ନାହିଁ, କାରଣ ସ୍ୱୟଂ ହେଉଛି ଚେତନ, ପରମାତ୍ମାଙ୍କ ଅଂଶ ଓ କର୍ମ ହେଉଛି ଜଡ ।

ଗୀତାର ୩/୨୦ ଶ୍ଲୋକରେ ଶ୍ରୀ ଭଗବାନ କହିଛନ୍ତି ଯେ କର୍ମଯୋଗୀ "ଲୋକ ସଂଗ୍ରହମେବାପି ସଂପଶ୍ୟନ୍ କର୍ତ୍ତୁମର୍ହସି' । ଅର୍ଥାତ୍ ନିଃସ୍ୱାର୍ଥପର ଭାବରେ ଲୋକମର୍ଯ୍ୟାଦା ସୁରକ୍ଷିତ ରଖିବା ପାଇଁ କର୍ମ କଲେ ସମତା ପ୍ରାପ୍ତି ମିଳିଥାଏ । ସମତା ଦୁଇ ପ୍ରକାରର । ଗୀତାରେ ଏହି ସମତା ବଡକଥା । ଅନ୍ତଃକରଣର ସମତା ଓ ସ୍ୱରୂପର ମମତା । ସିଦ୍ଧି-ଅସିଦ୍ଧି, ପ୍ରଶଂସା-ନିନ୍ଦା, ଜୟ-ପରାଜୟ , ଲାଭ-କ୍ଷତି, ସୁଖ-ଦୁଃଖ, ହର୍ଷ-ଶୋକ, ସଫଳ-ଅସଫଳ ଇତ୍ୟାଦିରେ ଅନ୍ତଃକରଣରେ କୌଣସି ପ୍ରକାରର ଅସ୍ଥିରତା ନ ଆସିବା ହିଁ ଅନ୍ତଃକରଣର ସମତା ବା ଅନ୍ତକରଣର ନିର୍ବିକାରତା । ସମତା ଆସିଗଲେ ମନୁଷ୍ୟ ସଂସାର ବନ୍ଧନରୁ ମୁକ୍ତ ହୋଇଯାଏ । (୨/୪୮) 'କୁରୁ କର୍ମାଣି' କହି ଭଗବାନ୍ ସମତାକୁ ହିଁ ଯୋଗ କହିଛନ୍ତି । ସମତାରେ ନିରନ୍ତର ସ୍ଥିତ ରହିବା ହିଁ ଯୋଗସ୍ଥ ହେବା ଅର୍ଥାତ୍ ସମତା ହିଁ ଯୋଗ ।

ଗୀତାର ଦୁଇଟି ସ୍ଥାନରେ ଯୋଗର ସଜ୍ଞା ଦେଖିବାକୁ ମିଳେ ।

୧· ସମତ୍ୱଂ ଯୋଗ ଉଚ୍ୟତେ (୨/୪୮) ଅର୍ଥାତ ସମତାର ନାମ ଯୋଗ ।

୨· ତଂ ବିଦ୍ୟାଦ୍ ଦୁଃଖସଂଯୋଗବିୟୋଗଂ ଯୋଗ ସଂଜ୍ଞିତମ୍ (୬/୨୩) ।
ଯଦି ସମତା ବା ସମର ନାମ ଯୋଗ ହୁଏ ତାହେଲେ ଏ ସମ କିଏ ? ଗୀତାର ୫/୧୯ ଶ୍ଲୋକରେ ଶୀଭଗବାନ ନିର୍ଦ୍ଦୋଷ ଓ ସମ । ସେ ହେଉଛନ୍ତି ସଦ୍-ଚିତ୍-ଆନନ୍ଦ ଘନ ପରମାତ୍ମା ଓ ତ୍ରିଗୁଣରୁ ଅତୀତ ।

ସତ୍ତ୍ୱ-ରଜ-ତମ ଏହି ତିନିଗୁଣରେ ଦୋଷ ଥାଏ । ସଂସାରରେ ଏହି ତିନିଗୁଣର କାର୍ଯ୍ୟରେ ପୂର୍ଣ୍ଣ ଦୋଷ ଥାଏ । ସଂସାର ଏହି ତିନି ଗୁଣର କାର୍ଯ୍ୟ ଓ ପୂର୍ଣ୍ଣ ଦୋଷମୟ । ସମଭାବ ବ୍ରହ୍ମଙ୍କର ସ୍ୱରୂପ । ସମତା ହେଉଛି ପରମାତ୍ମାଙ୍କର ସ୍ୱରୂପ । ପୁନଶ୍ଚ ୬ଷ୍ଠ ଅଧ୍ୟାୟର ୨୩ଶ ଶ୍ଲୋକରେ ଭଗବାନ୍ କହିଛନ୍ତି, ଯେଉଁଥିରେ ଦୁଃଖ ସଂଯୋଗର ବିୟୋଗ ହୁଏ ତାହାର ନାମ ଯୋଗ । "ତଂ ବିଦ୍ୟାଦ୍ ଦୁଃଖସଂଯୋଗବିୟୋଗଂ ଯୋଗ ସଂଜ୍ଞିତମ୍" । ଏ ଶରୀର ଓ ଏ ସଂସାର ଉଭୟ ଦୁଃଖସରୂପ । ଶରୀର ଓ ସଂସାର ସହିତ ସ୍ୱୟଂର ସମ୍ବନ୍ଧ ନାହିଁ କିନ୍ତୁ ଆମେ ସମ୍ବନ୍ଧ ମାନି ନେଉଥିବାରୁ ବା ମାନି ନେବା ହିଁ ଦୁଃଖ ସଂଯୋଗ ।

କିନ୍ତୁ ସ୍ୱରୂପ ସହିତ ଆମର ସମ୍ବନ୍ଧ ନିତ୍ୟ । ଶରୀର ସହିତ ଆମର ସମ୍ବନ୍ଧ ବା ଦୁଃଖ ସଂଯୋଗ ତାହା ଯୋଗ ନୁହେଁ କିନ୍ତୁ ସ୍ୱରୂପ ସହିତ ସମ୍ବନ୍ଧକୁ ଯୋଗ କୁହାଯାଏ ବା ଦୁଃଖରୂପକ ସଂସାରର ସଂପୂର୍ଣ୍ଣ ବିୟୋଗକୁ ଏଠାରେ ଯୋଗ କୁହାଯାଇଛି । ଗୀତାରେ ଯୋଗର ପରିଭାଷା ଦେଖିବାକୁ ମିଳେ । ଯଥା ସମତା ଓ ଦୁଃଖ ସ୍ୱରୂପ ସଂସାର ସଂଯୋଗ ଓ ବିୟୋଗ । ଦେଖିବାକୁ ଗଲେ ଦୁଇଟି ଯାକ ଏକା କଥା । ଗୋଟିକରେ ସ୍ଥିତି ହେଲେ ଅନ୍ୟଟି ଆପେ ଆପେ ଯୋଗ ହୋଇଯିବା ପରି ସମତାରେ ସ୍ଥିତ ହୋଇଗଲେ ସଂସାର ସଂଯୋଗର ବିୟୋଗ ହୋଇଯିବ । ନିତ୍ୟ ଯୋଗର ପ୍ରାପ୍ତ ହୋଇଯିବ । ସଂଯୋଗ ଓ ଯୋଗ ଦୁଇଟି ଯାକ ଏକା ଭଳି ମନେ ହେଉଥିଲେ ବି ଦୁଇଟିଯାକରେ ଅନ୍ତର ଅଛି । ଯାହା ସହିତ ଆମେ ସମସ୍ତେ ସର୍ବଦା ରହି ପାରିବା ନାହିଁ, ଯିଏ ଆମ ସହିତ ସର୍ବଦା ରହି ପାରିବ ନାହିଁ, ତାହା ସହିତ ଆମର ସଂଯୋଗ ହୁଏ । ତେଣୁ ଶରୀର ସହିତ ଆମର ସଂଯୋଗ ହୁଏ । ଅପର ପକ୍ଷରେ ଯାହା ସହିତ ଆମେ ସର୍ବଦା ରହି ପାରିବା ଓ ଯିଏ ଆମ ସହିତ ସର୍ବଦା ରହି ପାରିବ ତା ସହିତ ଆମର ଯୋଗ ହୁଏ । ପରମାତ୍ମା ସହିତ ଆମର ସମ୍ବନ୍ଧ ବା ଆମର ଯୋଗ ହୁଏ ।

ଏ ସଂସାର ଓ ଶରୀର ପ୍ରତି ମୁହୂର୍ତ୍ତରେ ପରିବର୍ତ୍ତନକୁ ରୋକି ଦେଇ ପାରିବ ନାହିଁ କାରଣ ଏ ସଂସାର କ୍ଷଣଭଙ୍ଗୁର । ଏଥିରୁ ସମ୍ବନ୍ଧ ତୁଟିଗଲେ ବା ବିୟୋଗ ହୋଇଗଲେ ପରମାତ୍ମାଙ୍କ ସହିତ ଯୋଗ ହୋଇଯାଏ । ସମତାପୂର୍ବକ କର୍ତ୍ତବ୍ୟ କର୍ମ ପାଳନ କରିବା ହିଁ କର୍ମଯୋଗ । କର୍ମରେ ଯଦି ନିଷ୍କାମ ଭାବ ନ ରହେ କର୍ମ କେବଳ କର୍ମ ହୋଇ ରହିଯାଏ, କର୍ମଯୋଗ ହୋଇପାରେ ନାହିଁ । ରାଗ ଦ୍ୱେଷ ନ ରଖି, ଫଳେଚ୍ଛା ତ୍ୟାଗ କରି କର୍ତ୍ତବ୍ୟ କର୍ମ କରିବା ହେଉଛି କର୍ମର ଭାବ ।

ନିଜ ପାଇଁ କର୍ମ କଲେ ତାହା କର୍ମ ନ ହୋଇ କର୍ମଭୋଗ ହୋଇଯିବ । ନିଜ ପାଇଁ କରିବା ହିଁ ବନ୍ଧନ । ସେଥିପାଇଁ ଶୀଭଗବାନ ଗୀତାର ୧୨/୪ ଶ୍ଲୋକରେ କହିଛନ୍ତି "ତେ ପ୍ରାପ୍ନୁବନ୍ତି ମାମେବ ସର୍ବଭୂତହିତେ ରତାଃ" ଅର୍ଥାତ୍ "ଯେଉଁ ମନୁଷ୍ୟ ପ୍ରାଣୀମାନଙ୍କ କଲ୍ୟାଣ ବା ହିତରେ ଲାଗି ରହିଥାଏ ସେ ମୋତେ ପ୍ରାପ୍ତ ହୁଏ" । ଭଗବତ୍ ପ୍ରାପ୍ତି ହେବା ଓ ଆତ୍ମ କଲ୍ୟାଣର ସହଜ ଉପାୟ ହେଉଛି କର୍ମଯୋଗ ।

ଖାଲି କର୍ମକରି କେହି କେବେ ପରମାତ୍ମା ପ୍ରାପ୍ତି ହୋଇ ପାରିବ ନାହିଁ । ପରମାତ୍ମା ପ୍ରାପ୍ତିରେ କର୍ମର କିଛି ମହତ୍ତ୍ୱ ନାହିଁ । ମହତ୍ତ୍ୱ ଅଛି ଯୋଗର କର୍ମସୁ ଯୋଗଃ କୌଶଳମ୍ ଅର୍ଥାତ୍ କର୍ମରେ ଯୋଗ ହିଁ କୁଶଳତା । ତେଣୁ କର୍ମ ଏପରି ହେବା ଦରକାର, ଏପରି କୁଶଳତା ପୂର୍ବକ କର୍ମ କରିବା ଆବଶ୍ୟକ ଯାହାଦ୍ୱାରା କର୍ମ ବନ୍ଧନ କାରକ ନ ହୋଇ ମୁକ୍ତି ପ୍ରଦାୟକ ହୋଇପାରିବ । ତେଣୁ ଯୋଗ ବା ସମତା ହିଁ କୁଶଳତା, ଯୋଗରେ ସ୍ଥିତ ହୋଇ କର୍ମକଲେ ମନୁଷ୍ୟ ପାପପୂଣ୍ୟ ଉଭୟର ରହିତ ହୋଇଯାଏ ।

ସାଧାରଣ ମନୁଷ୍ୟ କର୍ମରେ ଆସକ୍ତି, ମମତା କାମନା ରଖି କର୍ମକରୁ ଥିଲାବେଳେ କର୍ମଯୋଗୀ ସେ ସବୁକୁ ତ୍ୟାଗ କରି କର୍ମ କରନ୍ତି । ସାଧାରଣ କର୍ମୀଙ୍କର କର୍ମର ପ୍ରବାହ ନିଜଆଡକୁ ହୁଏ ଓ କର୍ମଯୋଗୀଙ୍କର କର୍ମରେ କର୍ତ୍ତୃତ୍ୱାଭିମାନ ରହେ, ଫଳରେ ବନ୍ଧନରେ ପଡେ । ନିଜ ପାଇଁ କର୍ମ ନକରି ପରହିତ ପାଇଁ କର୍ମରେ କର୍ତ୍ତୃତ୍ୱଭିମାନ ରହେନାହିଁ, ଫଳରେ କର୍ମଯୋଗୀ ମୁକ୍ତିଲାଭ କରନ୍ତି ।

ଶ୍ରୀ ପ୍ରତାପ ଚନ୍ଦ୍ର ଦାସ, ରିଟାୟାର୍ଡ ଚିଫ୍ ମ୍ୟାନେଜର୍, ୟୁସିଓ ବ୍ୟାଙ୍କ୍
ଦମ୍‌ଦମା, ଭୁବନେଶ୍ୱର, ଓଡିଶା

Rathajatra 2015 Income and Expense Report

Our heartfelt thanks to all the sponsors who made this year Nabakalebara ratha jatra a memorable one.

1. Anu and Nilambar Biswal, MD- Taladhvaja sponsorship
2. Anonymous, MD - Taladhvaja sponsorship
3. Urmila Mohapatra, VA - Taladhvaja sponsorship
4. Sudip and Susmita Pattanaik, MD - Taladhvaja sponsorship
5. Reema and Sudhir Raju – Taladhvaja sponsorship

6. Kanchan Mohapatra, MD - Darpadalan sponsorship (in memory of her husband)
5. Prasana and Baruni Samal, MD - Darpadalan sponsorship
7. Anant and Riti Mishra – Darpadalan sponsorship
8. Sujit amd Pinky Das – Darpadalan Sponsorship
9. Lalit and Hema Behera – Darpadalan Sponsorship
10. Insource systems - – Darpadalan Sponsorship
11. Anonymous donor - – Darpadalan Sponsorship
12. Koneti and Neelam Rao, MD - Prasad sponsorship

13. Jitendu and Stithi Samanta - Nandighosa sponsorship
14. Debasmita Patra and Abani Pradhan, MD - Nandighosa sponsorship
15. Rama Nayak, VA - Nandighosa sponsorship
16. Devaraj and Urmila Sahu, MD - Nandighosa sponsorship
17. Shashadhar and Meera Mohapatra, MD - Nandighosa sponsorship
18. Joy Gopal and Sulochana Mohanty, MD - Nandighosa sponsorship
19. Nrusingha and Bandita Mishra, MD - Nandighosa sponsorship
20. Santosh and Rasmita Nayak, VA- Nandighosa sponsorship
21. Manoj and Meeta Panda, MD - Nandighosa sponsorship
22. Sanjaya and Sasmita Jena, VA - Nandighosa sponsorship

23. Jhinu and Santanu Chhotray, VA - Nandighosa sponsorship
24. Hemant and Preeti Biswal, VA- Nandighosa sponsorship
25. Saswati Panda and Bijon Panda - Nandighosa sponsor
26. Indu and Jhunu Mishra, AZ - Nandighosa sponsor
27. Subhashree Mishra, MD - - Nandighosa sponsor
28. Surendrand Sukanti Ray - Nandighosa sponsor
29. Dilip and Sudhira Pattanaik- Nandighosa sponsor
30. Bhabani Das and Sheila Das- Nandighosa sponsor
31. Subash Rath- Nandighosa sponsor
32. Pradeep and Susmita Behera - Nandighosa sponsor
33. Kaushik Mohanty - Nandighosa sponsor
34. Debananda and Deepa Das- Nandighosa sponsor
35. Debabrata Mishra - Nandighosa sponsor
36. Bikash and Depti Mishra- Nandighosa sponsor
37. Anonymous- Nandighosa sponsor
38. Sujata and Surya Nayak- Nandighosa sponsor
39. Binod and Bandita Nayak- Nandighosa sponsor
40. Prakash and Munmun Sahu- Nandighosa sponsor
41. Ajit and Sobhana Das- Nandighosa sponsor
42. Pratap and Pinu Das- Nandighosa sponsor

43. Kirtan Sahoo, VA - Prasad sponsorship
44. Prafulla and Sangeeta Nayak, VA - Prasad sponsorship
45. Gyana and Sujata Bohidar, VA- Prasad sponsorship
46. Anonymous, MD - Prasad sponsorship
47. Utkal Nayak - Prasad sponsorship
48. Bhudeep and Munmun Pattanaik- Prasad sponsorship

49. Ranjan Dash - Flower sponsorship
50. Debashis Jena - Flower sponsorship
51. Sony and Raj Rath - Flower sponsorship
52.Brahma and Sikha Sen- Flower sponsorship
53. Subrat and Mitali Mohanty-- Flower sponsorship
54. Sikhanda and Tina Satpathy- Flower sponsorship
55. Komala Bai Damrla Raju- Flower sponsorship
56. Manas and Leena Samntray- Flower sponsorship
57. Susma Panda- Flower sponsorship
58. Kitu and Bindu Kanungo- Flower sponsorship

Total received $7415

Total expenses was $4203. Net income will be used for JOGA developmental project.

Holi 2015 Sponsors

Balabhadra Sponsors: *Devraj and Urmila Sahu, MD; Naresh and Bigyani Das, MD*
Jagannath Sponsors: Nilamabar and Anu Biswal, MD; Tapas and Pranati Panda, MD; Sudhansu and Lopa Mohanty, VA; Shashadhar and Meera Mohapatra, MD

Bhajan Program sponsors: We thank all the families for regularly participating in bhajan program activities. Bhajan program consists of group bhajan singing, Arati, discussion and Prasad. On eventful occasions, special traditions are followed. **(Note: All the bhajan participants are requested to bring their JOGASUTRA book to the bhajan program to sing along group bhajans. If you have not received a book, please let us know.)** Our heartfelt thanks to the following families for sponsoring feasts on different months:

Shashadhar and Meera Mohapatra, MD
Lalit and Hema Behera, MD
Bhakta Rath, VA
Urmila Mohapatra, VA
Naresh and Bigyani Das, MD
Devraj and Urmila Sahu, MD
Kanchan Mohapatra, MD
Sujit and Pinky Das, VA
Shantanu and Jhinu Chhotray, VA
Prafulla and Sangeeta Nayak, VA
Gyana and Sujata Bohidar, VA

JOGA takes this opportunity to thank the temple committee members of Hindu Temple and the priests and volunteers for the success of monthly bhajan programs as well as other events. Temple priests Pitambar Dutt Sharmaji and Ram Narayan Shashtriji have been very resourceful. We also thank Sharmaji and his family for their support of our programs.

Wise Thoughts:

Patience and perseverance have a magical effect before which difficulties disappear and obstacles vanish. - John Quincy Adams

Stand up to your obstacles and do something about them. You will find that they haven't half the strength you think they have.- Norman Vincent Peale

There are plenty of difficult obstacles in your path. Don't allow yourself to become one of them. - Ralph Marston

ଜୁନ୍ ୬ (୨୦୧୫) ତାରିଖରେ ଯୋଗ ସଂସ୍ଥାନ ତରଫରୁ ବିଷୁବ ମିଳନ ଉପଲକ୍ଷେ କବିତା ପାଠୋତ୍ସବର ସମାରୋହ ହୋଇଥିଲା । ୱାସିଂଟନ୍ ଡିସିର ଓଡିଆମାନେ ସେ ସମୟରେ ଓସା କନ୍‌ଭେନ୍‌ସନ୍ ପାଇଁ ଅତ୍ୟନ୍ତ ବ୍ୟସ୍ତ ରହିଥିବାରୁ ପଦ୍ମ ଘୁଞ୍ଚିଘୁଞ୍ଚି ଶେଷରେ ଏହିଦିନଟି ସ୍ଥିର କରାଗଲା । ତେବେ ଆମେମାନେ କେତେଜଣ ନିୟମିତ ଭାବେ ଯୋଗଦାନ କରୁଥିବା ସାହିତ୍ୟପ୍ରେମୀ ମାନଙ୍କ ଉପସ୍ଥିତିରୁ ବଞ୍ଚିତହେଲୁ । ତଥାପି କବିତା ପାଠୋତ୍ସବଟି ଅତ୍ୟନ୍ତ ସୁନ୍ଦର ଭାବେ ସୁଲୋଚନା ପଟ୍ଟନାୟକଙ୍କ ଦ୍ୱାରା ପରିଚାଳିତ ହୋଇଥିଲା । କବିତା ପାଠ ପରେ ଖିଆପିଆ ମଧ୍ୟ ଅତ୍ୟନ୍ତ ରୁଚିକର ଓ ଉପଭୋଗ୍ୟ ହୋଇଥିଲା । ଉନ୍ମୋଚନର ଏ ବିଭାଗରେ ଆମେ ସେ କବିତାପାଠ ସମାରୋହର କିଛିଟା କବିତା ଓ ଅନ୍ୟ ଲେଖକ, ଲେଖିକା ମାନଙ୍କଠାରୁ ପାଇଥିବା କିଛି ଗଳ୍ପ ଓ କବିତା ପରିବେଷଣ କରୁଛୁ । ଆଶା, ଆପଣମାନେ ଏ ଲେଖାମାନଙ୍କ ମାଧ୍ୟମରେ ଲେଖକଲେଖିକା ମାନଙ୍କର ହୃଦୟକୁ ବୁଝିବା ସହିତ ଲେଖାଗୁଡିକ ପଢି ଖୁସି ହେବେ ।

ବିଜ୍ଞାନୀ ଦାସ

ସେପ୍ଟେମ୍ବର୍ ୨୧, ୨୦୧୫

ସୂଚୀପତ୍ର

ଠିକଣା
ବାହୁଡା ବିଜୟ
ନିର୍ମାଣ ପରିଯୋଜନା
ନୟନପଟେ ନିରତେ
ଜଗନ୍ନାଥ ହେ କିଛିଟା ହେଲେ କର
ସ୍ୱଗତୋକ୍ତି
ଅଭୁଲା ସ୍ମୃତି (ଗଳ୍ପ)
ଭଗବାନ ଦାସ
ଦେବସ୍ମିତା ପାତ୍ର (ପାଠିକା)
ବବ୍ବୁ ସାମଲ
ବିଜ୍ଞାନୀ ଦାସ
ଶଶଧର ମହାପାତ୍ର
ସୁଲୋଚନା ପଟ୍ଟନାୟକ
ସରୋଜିନୀ ମିଶ୍ର

ଠିକଣା

ଭଗବାନ ଦାସ, ଶହୀଦ ନଗର, ଭୁବନେଶ୍ୱର

କେଉଁଠି ରହୁଛ ପ୍ରଭୁ ଜାଣେନି ଠିକଣା
ସଂସାର ହାଟରେ ବୁଲି ହୁଏ ବାଟବଣା ।୧।
ଅଳପ ବହୁତେ କିଛି କରିଛି ସଉଦା
ଯେଣିକି ଚାହିଁଲେ ଦିଶେ ଦୁଃଖ ଗଦାଗଦା ।୨।
ଭାବିଥିଲି ସହଜରେ ଯିବି ପାରହୋଇ
ଅଣଚାଶ ବାୟୁ ମୋତେ କରେ ଘାଇଁଘାଇଁ ।୩।
ସଂସାର ଜଞ୍ଜାଳ ପରେ ଯାତନା କୋରଡା
ସଣ୍ଢୁଆସୀ ଆକ୍ରମଣେ କରେ ଗଡାତଡା ।୪।
ତଥାପି ଖିଆଲି ଭାବ ନ ହୁଅଇ ଅନ୍ତ
କୁକୁର ଲାଙ୍ଗୁଡ ସିଧା ନ ହୁଏ ଯେମନ୍ତ ।୫।
ଅନୁତାପ ପରେ ଅନୁତାପ ଆସେ ସିନା
ପିଞ୍ଜରା ଧରେ କି ମନ କାମନା ବାସନା ।୬।
ସଂସାରର ଅଭିଜ୍ଞତା କହିବାକୁ ଥରେ
ଖୋଜୁଛି ତୁମକୁ ମୁଁ ହରେକ ଜାଗାରେ ।୭।
ପାରେ ନାହିଁ ବୋଧେ ଦେଖି ପାପ ନୟନରେ
ତୁମେ ପରା ଉଭା ଅଛ ହୃଦୟ କନ୍ଦରେ ।୮।
ଏତେ ପାଖେ ଥାଇ ତୁମେ ଲାଗ କେତେ ଦୂର
ବାରି ପାରେ ନାହିଁ କାହିଁ ସାନ୍ନିଧ୍ୟ ତୁମର ।୯।
ଯଦି ଭାବକୁ ନିକଟ ଅଭାବକୁ ଦୂର
ଜାଗୁନାହିଁ ଭାବ କାହିଁ କରୁଅଛ ପର ।୧୦।
କପଟଚାରୀ ମୁଁ ହିଁ ନଶ୍ୱେ ହିନୀମାନ
ଦୟାର୍ଦ୍ର ହୋଇ ମତେ ଦିଅ ସଦ୍‌ଜ୍ଞାନ ।୧୧।
ବାଲ୍ମିକଋଷି ହେଲେ ଦସ୍ୟୁ ରତ୍ନାକର
ମୋ କର୍ମେ ଦିଅ ନାଥ ଏକ ରୂପାନ୍ତର ।୧୨।
ଆଜିକାଲି ସବୁ କଥା ସବୁଠାରେ ଜଣା
ତଥାପି ଠିକଣା ତୁମ ରହିଲା ଅଜଣା ।୧୩।
ନପଡୁ ଜଣା ପଛେ ତୁମର ଠିକଣା
ଅନ୍ତର୍ଯ୍ୟାମୀ ପଣେ ବୁଝ ହୃଦୟ ବେଦନା ।୧୪।

-0-

ଭଗବାନ ଦାସ, ରିଟାୟାର୍ଡ ଇଞ୍ଜିନିୟର୍, ଶହୀଦ ନଗର, ଭୁବନେଶ୍ୱର, ଓଡିଶା

ବାହୁଡା ବିଜୟ

କବି-ଶ୍ରୀ ଚନ୍ଦ୍ରଶେଖର ମିଶ୍ର
ପାଠିକା-ଦେବସ୍ମିତା ପାତ୍ର, କଲମ୍ବିଆ, ମେରୀଲାଣ୍ଡ

ଜୀବନର ଋଣ ଶୁଝି ରଣଭୂମେ ଯୁଝି ଯୁଝି ପଡିଗଲା ତଳେ ଆଜି ସଙ୍ଗ୍ରାମ କେଶରୀ
ତାହାର ଜନମ ମାଟି ଯାଇଅଛି ଆଜି ଫାଟି ମା'କୋଳ ଶେଷେ ବୀର ନେଇଅଛି ବରି

ଶୋଇଗଲା ଐରାବତ ହିମାଳୟ ପରବତ ଶୁଖିଗଲା ଶେଷେ ତାର ଶାସ୍ୱତ ଝରଣ
ଯାଇଛି ଅମର ଧାମେ କୁହାସିନା ମୃତ୍ୟୁନାମେ ବାହୁଡା ବିଜୟ ତାର ନୁହଁଇ ମରଣ

ଅମର ମରଇ ଯାର ନାହିଁ ନାହିଁ ମୃତ୍ୟୁ ତାର ସବୁରି ହୃଦୟେ ଆଜି ରହିଛି ସେ ବସି
ତା ଦେଶର ଜଳବାୟୁ ରଖିଲାତା ଅସ୍ଥି ସ୍ନାୟୁ ନଛୁଁଇବ କାଳ ତାକୁ ନଛୁଁଇବ ମସି

ଉଠାଇଲା ଗିରି ଶୃଙ୍ଗ ତୋଳିଲା ଦେଉଳ ତୁଙ୍ଗ ତୋଳିଗଲା ପିରାମିଡ୍ ତାଜ ନିଜ ଦେଶେ
ବିଜୟ ନିଶାଣ ହାତେ ବୁଲି ଶେଷେ ବିଶ୍ୱ ସାଥେ ଭଜିଛି ବିଶ୍ରାମ ବୀର କରମର ଶେଷେ

ଉଠାଅନା ତାକୁ ରୋଳେ ଶୋଇଛି ସେ ମା' କୋଳେ ଶାନ୍ତି ଏବେ ଲୋଡା ତାର ହୋଇଛି ଜୀବନେ
ନିଦ୍ରାଅନ୍ତେ ଆର୍ଯ୍ୟବର ତୋଳିବତା ମଧୁସ୍ୱର ବଜାଇବ ଶତ ଭେରି ଭୂବନେ ଭୂବନେ

ଆଜିହେ ପଥିକ ତୁମେ ଯାଉଛ ବିଶ୍ରାମ ଭୂମେ ଦେଇଆସ ଖାଲି ପ୍ରାଣ ପୀରତି ଚନ୍ଦନ
ସିକ୍ତ କରି ଶଯ୍ୟାତଳ ନ ଢାଳିବ ଅଶ୍ରୁଜଳ ମନେରଖ ଭୀଷ୍ମର ଏ ଶରର ଶୟନ

ଆବେଗ ଆଗ୍ରହେ ତାକୁ ଉଠାଇଲେ ଉଠିବାକୁ ଉଠିଥାଏ ଉଠିବସେ ନିଦ୍ରା ପରିହରି
ତା ଦେଶର ମା' ଭାଇ ତାଙ୍କରି ଅଭାବ ଚାହିଁ ଉଠିବ ଉଠିବ ପୁଣି ଉତ୍କେଶର ହରି

ସେନୁହେଁ ବଧିର ଗିରି ଦେଇ ପାରେ ହୃଦ ଚିରି ପାବକ ତୁଷାରେ ତାର ଗଠିତ ଜୀବନ
ତେବେ କିଆଁ ଦୁଃଖ ଆଉ ମହାରଥୀ ଶୋଇଥାଉ ନକର ତା ପାଶେ ବସି ଆତୁର କନ୍ଦନ

ଆସ ଆର୍ଯ୍ୟ ବଂଶଧରେ ପରଶତା ପଦଥରେ ଅର୍ଘ୍ୟ ରୂପେ ଦିଅ ତାକୁ ରାଜାର ସମ୍ମାନ
ଫେରି ଯାଅ ଧିରେ ଧିରେ ବହିନେଇ ନତଶିରେ ମୃତ୍ୟୁହୀନ ପ୍ରାଣ ତାର ଜୀବନର ଦାନ ।

ନିର୍ମାଣ ପରିଯୋଜନା

ବବ୍ଲୁ ସାମଲ, ରକ୍‌ଭିଲ୍, ମେରୀଲାଣ୍ଡ୍



ମୋ ଜୀବନ ନିର୍ମାଣରେ କେତେ କାରିଗର
କିଏ ଜଣା କିଏ ବା ଅଜଣା
ସମସ୍ତଙ୍କ ଅବଦାନେ
ଗଢା ଏ ଜୀବନ ମୋର
ଆଉ ଜୀବନର ଆଶା, ସ୍ୱପ୍ନ
ଇଚ୍ଛା ଓ କାମନା ।

ବିତି ଯାଏ କେତେ ଦିନ, କେତେ ମାସ, ବର୍ଷ
ମୋ ଭିତରର ମୁଁ କୁ ଗଢିବାକୁ
ପିତା, ମାତା, ଗୁରୁ, ଆଉ ଆତ୍ମୀୟ ସୋଦର
ପତ୍ନୀ, ପୁତ୍ର, କନ୍ୟା ଆଉ ସହକର୍ମୀ ଗଣ
ଇଣ୍ଟର୍‌ନେଟ୍, ମାଉସ୍, ମୋବାଇଲ୍, ପୁଣି କଂପ୍ୟୁଟର
ପୁଣି କେବେ
ଏକାରାସ୍ତାରେ ଡାଇଭ୍ କରୁଥିବା
କେତେ ବ୍ୟକ୍ତି ସଂପୂର୍ଣ୍ଣ ଅଜଣା,
ଲେଖିଦେଇଯାନ୍ତି
ମୋ ଜାଣତରେ, ପୁଣି ଅଜାଣତରେ
ମୋ ଜୀବନର ପୁସ୍ତକକୁ ।

ପଦ୍ମପତ୍ରରେ ବର୍ଷାବିନ୍ଦୁ ପରି
ମୋ ହୃଦୟ ମନର
ଭାବନା ଓ ଚିନ୍ତା
ମୋ ନିଜଠାରୁ ବଳି
ଅନ୍ୟ ସବୁ କାରିଗରଙ୍କର
ଭାବନାର ରୂପ ନିଏ
ମୋ ଭିତରେ ରହିଥାଏ
ଯଦିଓ ସେ ନୁହଁଇ ମୋହର ।

ନୟନପଟେ ନିରତେ

ବିଜ୍ଞାନୀ ଦାସ, ଡେଟନ୍, ମେରୀଲାଣ୍ଡ୍

ନୟନପଟେ ନିରତେ,
ନିର୍ମଳ ପ୍ରିୟତମ ଛବି ପ୍ରକଟେ ।

ନଲାଗେ ମନ, ଜାଗେ ନାନା ସଂଶୟ
ନିମିଶେ ମିଳିବାକୁ ପ୍ରାଣ ଅଥୟ ।
ନୀରସ ପ୍ରାୟେ ଶୁଭେ ପିକ ବିତାନ
ନଳିନୀରେ ନଳିନୀ ଦିଶୁଛି ମ୍ଳାନ ।
ନୀଳଗଗନ ହସୁନାହିଁଟି ଆଜ
ନୀଳିମା ଗାସି ମେଘ କରେ ଗରଜ ।
ନେଇ ଗଲା କି ସତେ କିଏ ମୋ ପ୍ରାଣ
ନିର୍ମମ ଏ ସଂସାର ବିଧିବିଧାନ ।
ନବବସନ୍ତ କାଳ ସାଜିଲା କାଳ
ନଫେରିଲେ ପ୍ରବାସୁ ମିତ ମୋହର ।
ନିର୍ବୋଧ ମନ କ୍ଷଣେ କ୍ଷଣେ ଚିନ୍ତଇ
ନିବାସ ସହ ଉଡି ଯିବିକି ମୁହିଁ ।
ନଥିଲା ପରି ଲାଗେ ପିଣ୍ଡରେ ପ୍ରାଣ
ନିଶି ବିସ୍ତାରି ମନ ଅନ୍ଧାରେ ଲୀନ ।

ଜଗନ୍ନାଥ ହେ କିଛିଟା ହେଲେ କର

ଶଶଧର ମହାପାତ୍ର, ସିଲ୍‌ଭର ସ୍ପ୍ରିଙ୍ଗ୍, ମେରୀଲାଣ୍ଡ୍

ଆମ ଏ ଓଡିଶା ଭୋଗେ ରାହୁ ଦଶା
ତା' ସହିତ ଶନି ଦୃଷ୍ଟି
ମହାବାତ୍ୟା ସଙ୍ଗେ ଉତ୍କଟ ମରୁତି
କରୁଛି ସମସ୍ୟା ସୃଷ୍ଟି

ଦରିଦ୍ରତମ ରାଜ୍ୟ ଭାବେ ଗଣା,
ଆମେ ଏ ଉତ୍କଳବାସୀ
ପଖାଳ ଦିଓଳି ଯଦି ମିଳିଗଲା
ସମସ୍ତେ ସେଥିରେ ଖୁସି

ଯେତେ ବାଧା, ବିଘ୍ନ ଆସୁ ଓଡିଶାକୁ
ଆମେ ଅଛୁ ହୁସିଆର
ବାହାବା ନିଅନ୍ତି ଆମ ସରକାର
କରି ସମାଧାନ ତା'ର

ସରକାରଙ୍କର ଭାବମୂର୍ତ୍ତୀ ଅଟେ
ସ୍ୱଚ୍ଛ ଓ ନିର୍ମଳ ଭାଇ
ଭାଷଣରେ ସ୍ୱଚ୍ଛ ଓ ବାସ୍ତବରେ ସ୍ୱଚ୍ଛ
ଦିଅନ୍ତି ମନ୍ତ୍ରୀ ବୁଝାଇ

ଟିଭି, ମିଡିଆ ଜଗିବସିଛନ୍ତି
ଦେଖ ଛଆଣ ଭଳି
ଟିକିଏ ଏପଟ ସେପଟ କହିଲେ
କଆ ଦେବେ ଗିଳି

ଯେତେ ଘୋଡାଇଲେ ସତ କି ମିଛ
ବାହାରିବ ନିଶ୍ଚେ ଦିନେ
ଯୁଗ ବଦଳୁଛି, ସମୟ ତା' ସଙ୍ଗେ
ଭାବ, ଚିନ୍ତ ମନେ ମନେ



ନବ କଳେବର ପାଇଁ ଏ ସର୍କାର
ତତ୍ପରତା ଦେଖାଉଛି
କେଉଁଠି ରେଳ, କେଉଁଠି ରାସ୍ତା
ବ୍ରିଜ୍ କାମ ଚାଲୁଅଛି

ପଚାଶ ଲକ୍ଷ ଭକ୍ତ ଆସିବେ
ତୁମରି ଦର୍ଶନ ପାଇଁ
ସହର ଭିତରେ ପାର୍କିଂ ବ୍ୟବସ୍ଥା
ଚାଲୁଅଛି ରହି ରହି

ଡ୍ରେନ୍ ସବୁ ଖୋଲା, ସବୁ କାମ ଢିଲା
ବଡ ଦାଣ୍ଡେ ବର୍ଷା ପାଣି
ସେଥିରେ ସଡୁଛି ଯାବତ ମଇଳା
ଦୁର୍ଗନ୍ଧ ପାରୁଛି ଜିଣି

ବସ୍‌ଷ୍ଟାଣ୍ଡ ସଙ୍ଗେ ଡେନେଜ, ସ୍ପ୍ରେଜ
ତା ସଙ୍ଗେ ପିଇବା ପାଣି
କଚ୍ଛପ ଗତିରେ ଚାଲୁଅଛି କାମ
ପଡିଛି ଏବେ ଭାଳେଣି

ତୁମ ବେଳାଭୂମି ଆବର୍ଜ୍ଜନାପୂର୍ଣ୍ଣ
ମିଶୁଛି ନର୍ଦ୍ଦମା ପାଣି
ପ୍ରତିବାଦ ସ୍ୱର ଉତ୍ତୋଳନ ସତ୍ତ୍ୱେ
ଶୁଏ ପ୍ରଶାସନ ଶୁଣି

ବିରୋଧୀ ନେତା, ଜନସାଧାରଣ
ଧଡପଡ କରୁଛନ୍ତି
ମନ୍ତ୍ରୀ, ବିଧାୟକ, ମନ୍ଦିର ଶାସକ
ଆଖି ବୁଜି ଦେଉଛନ୍ତି

ପୋଲିସ୍ ପ୍ରଶାସନ ନୀରାପତ୍ତାପାଇଁ
କରୁଅଛି ଆୟୋଜନ
ପାଞ୍ଚଥାକ ସେକ୍ୟୁରିଟିର ବ୍ୟବସ୍ଥା
ଶୁଣୁଅଛି ଆମ କାନ

ରହିବା, ଖାଇବା, ସ୍ୱାସ୍ଥ୍ୟ, ପରିମଳ
ତୁମରି ଦୃଷ୍ଟିରେ ଥାଉ
ସର୍ବରିଷ୍ଟ ପ୍ରଭୁ ଖଣ୍ଡନ କର
ଉତ୍କଳର ମାନ ରହୁ

ତୁମ ଚାରିପାଶ୍ୱେ, ତୁମ ବଡଦାଣ୍ଡେ
ନିତି କରୁଛନ୍ତି ହୋଲି
ଚଉଦ ପୁରୁଷ ଭୋଗ କରୁଛନ୍ତି
ଦୋକାନ ବଜାର ମେଲି

ମାଡି ବସିଛନ୍ତି ଯିଏ ଜମି ଜମା
ଦେଖାଇକି ବଳାତ୍କାର
ସମୟ ଆସିଛି ବିଳମ୍ବ ନକରି
ଆସ ଏବେ, ଖଡ୍‌ଗ ଧର

ତୁମରି ଦର୍ଶନ କରେ ପାପକ୍ଷୟ
ସ୍ୱର୍ଗ ତ ଦୂରର କଥା
ସ୍ୱର୍ଗ ଥରେ ଜଲେ ମିଳେ ସ୍ୱର୍ଗ ପ୍ରାପ୍ତି
ଭୁଲ୍ ସବୁ ଏ ବାରତା

ତୁମ ସେବାୟତ ଘଟାନ୍ତି କଦଳ
ଖେଳନ୍ତି ଅନେକ ଖେଳ
ଛୋଟ, ଛୋଟ କଥା ଦିଏ ମୁଣ୍ଡ ବ୍ୟଥା
ତାଙ୍କ ସ୍ୱାର୍ଥ ଜଳ ଜଳ

ତୁମେ ବିଶ୍ୱକର୍ମା, ତୁମ ରାଜଯେମା
ପାରୁନାହଁ ଅଙ୍କ କସି
ଲେଡିଗୁଡ ବହିଯିବ ଜଉଣୀକୁ
ସମୟତ ନାହିଁ ବେଶୀ

ଅଭିମାନ କଲେ, ସବୁ ସହିଗଲେ
ଲୁଚିଗଲେ ବଡ ପଣ
ସବୁ ବଡ ବୋଲି ଲୋକେ ଯାହା କୁହନ୍ତି
କେହି କହିବେନି ଜାଣ

ସବୁ ଦେଖୁଅଛ ସବୁ ଶୁଣୁଅଛ
କିଛିଟା ହେଲେ କର
ନବକଳେବର ବର୍ଷରେ ଜନତା
ଦେଖୁ ତୁମ ଚମତ୍କାର

ଆମ ଏ ଉତ୍କଳ ସମସ୍ୟା ବହୁଳ
କହିବାକୁ ମାତେ ଲାଜ
ବଡ ଠାକୁର ହେ ଅଭିମାନ ଛାଡି
ଆମ କଥା ଏବେ ବୁଝ

ଶଶଧର ମହାପାତ୍ର, ୨୧୦୫ ହିଡେନ୍‌ଭାଲି ଲେନ୍
ସିଲ୍‌ଭର ସ୍ପ୍ରିଙ୍ଗ୍, ମେରୀଲ୍ୟାଣ୍ଡ

(ଏ ବର୍ଷ ମହାପ୍ରଭୁଙ୍କର ନବକଳେବର ଉପଲକ୍ଷେ ଏ ଲେଖା । ଏ ମୋର ବ୍ୟକ୍ତିଗତ ଅଭିମତ ନୁହେଁ । ଯାହା ନିକଟରେ ବିଭିନ୍ନ ସମ୍ବାଦପତ୍ର କି ଓଟିଭି ମାଧ୍ୟମରେ ପ୍ରକାଶ ପାଇଛି ତାକୁ ଏ କବିତାରେ ସ୍ଥାନ ଦିଆଯାଇଛି । କାହା ମନରେ କଷ୍ଟଦେବା ଏ ଲେଖାର ଉଦ୍ଦେଶ୍ୟ ନୁହେଁ ।)

ସ୍ୱଗତୋକ୍ତି

ସୁଲୋଚନା ପଟ୍ଟନାୟକ, ଏଲ୍‌କ୍‌ରିଜ୍, ମେରୀଲାଣ୍ଡ୍

ତୁମେ କେବେ ଅନୁଭବ କରିଛ କି
ସମୟ କେମିତି ସ୍ଥାଣୁ ହୋଇ ରହିଯାଏ
ସ୍ମୃତିର ଉପକୂଳରୁ କୂଳକୁ ଆସିବାକୁ ମନ ହୁଏନା
ଦୂରରୁ ଦୂର ଆଖି ପହଁରିଯାଏ ।

କାଲି ଯାହା ଛି ବୋଲି ମନେ ହେଉଥିଲା
ଆଜି ତାହା ମନେ ହୁଏ କେତେ ଆପଣାର !
ଭାବିଲେ ଭାବି ହୁଏନା, ମନ କହେ
ଆଖି ପତା ତଳେ ବାନ୍ଧି ଦିଅନ୍ତି କି ଅତୀତ !

ନିରୋଳା ଦେଖି ଲୁହ କିଛି ବୋହିଯାଏ
ପ୍ରତିଟି ଲୁହ ବିନ୍ଦୁରେ ଝଲସି ଯାଏ ସ୍ମୃତି
ଅନ୍ଧାର ଦିଶେ ପୃଥିବୀ, ପହଁରି ଯାଏ ମନ
ନୂଆ ହୋଇ ଉଖାରି ହୁଏ ପୁରୁଣା କ୍ଷତ ଚିହ୍ନ ।

ସେତିକି ବେଳେ ତୁମେ ଆସିଯାଅ
ସାମାନ୍ୟ ଫରଚା ଦିଶେ ଆକାଶ
ମେଘୁଆ ଆକାଶରେ ଇନ୍ଦ୍ରଧନୁ ହସେ
ତୁମ ଶୁଖିଲା ଓଠର ମିଛ ହସ, ମନରେ ଦିଏ ଉଶ୍ୱାସ ।

ମୋର ବନ୍ଦ ଆଖି ଖୋଲିଯାଏ
ଅତୀତର ସ୍ମୃତିରେ ତିଆରି ତାସଘର ଭାଙ୍ଗିଯାଏ
ସମାଜର ଶୃଙ୍ଖଳର ବେଡିକୁ ମୁଁ ଖୋଲି ପାରେନା
ତୁମ ହାତ ପୁଣି ଖସି ଯାଏ ମୋ' ହାତରୁ ।

ଅଭୁଲା ସ୍ମୃତି

ସରୋଜିନୀ ମିଶ୍ର, କଳିଙ୍ଗନଗର, ଭୁବନେଶ୍ୱର

ମାଘ ମାସରେ ବହୁତ ଜୋରରେ ଶୀତ ପଡିଥାଏ । ଅଫିସ୍‌ରେ ଅନେକ ଗୁଡିଏ କାମ ଥାଏ । ଭାବିଲି କିଛି ଫାଇଲ୍ ଘରକୁ ନେଇ କାମ କରିବି । ଅଫିସ୍‌ରେ ଡେରି ନକରି ଘରକୁ ଫେରିଲି । ଫାଇଲ୍ କାମ ସାରି ଶୋଇଲା ବେଳକୁ ବହୁତ ରାତି ହୋଇଥିଲା । ସକାଳୁ ଉଠିଲାବେଳକୁ ଡେରି ବି ହେଲା । ଅଳସ ଅଳସ ଲାଗୁଥାଏ । ତଥାପି ଉଠି ମୁହଁ ଧୋଇ ତରତରରେ ଦାନ୍ତଟି ଘସିଲି । ଆମ ଘରର ଚାକର ରାମୁ, ବହୁତ ବୟସ ହେଲାଣି, ମୁଁ ମଉସା ଡାକେ, ତାଙ୍କ ହାତରୁ ଚାହା କପ୍‌ଟି ଧରି ଛାତ ଉପରକୁ ଚାଲିଗଲି । ଶୀତ ଦିନରେ ଚାହାଟା ଛାତ ଉପରେ ଘୁରିଘୁରି ପିଇବାକୁ ଭାରି ଭଲପାଏ ।

ଚାହାଟା ପିଇଲାବେଳକୁ ତଳକୁ ଗୋଟିଏ ଜାଗାରେ ମୋର ନଜର ପଡିଲା । ଆମ ଘର ପାଖ ଦେଇ ଗୋଟିଏ ସଡକ ଲମ୍ବି ଯାଇଛି , କେଉଠି ସରିଛି ତା ଜଣାନାହିଁ । ଶୀତଦିନ ସକାଳର ମନଛୁଆଁ ଖରା ସଡକ ଉପରେ ବିଛାଇ ହୋଇଗଲାଣି । ରାସ୍ତାକଡର ଥୁଣ୍ଟା ଗଛ ଗୁଡିକରେ ଚଢେଇମାନେ ବସିଛନ୍ତି, ତାଙ୍କ ମନ ଖୋଜୁଥାଏ, ଆଖି ବୁଲୁଥାଏ ଖାଦ୍ୟର ଆଶାରେ । ଛୁଆଠାରୁ ଆରମ୍ଭ କରି ବୁଢା ପର୍ଯ୍ୟନ୍ତ କେତେ ଯେ ଲୋକଙ୍କ ଗହଳି, ଯେ ଯାହା ଧନ୍ଦାରେ ଚାଲିଥାନ୍ତି । କିଏ କାହାକୁ ଚାହିଁବା ପାଇଁ ଫୁରୁସତ ନାହିଁ, କଥା ହେବାତ ଦୂରର କଥା । କେତେକ ଟୋକା ଠାଏଠାଏ ବସି ଗୁଲିଖଟିରେ ମଜିଥାନ୍ତି । ସେ ରାସ୍ତା ଦେଇ ଝିଅଟିଏ ଯଦି ଚାଲିଗଲା ତାକୁ ହଇରାଣ କରିବାକୁ ଭୁଲନ୍ତି ନାହିଁ ।

ଛୋଟ ଛୋଟ ପିଲା ବ୍ୟାଗ୍‌ଟିଏ ଲେଖାଏଁ ବେକରେ ପକାଇ, ପଛପଟେ ପାଣି ବୋତଲଟିଏ ଝୁଲାଇ ବିଦ୍ୟାଳୟ ଅଭିମୁଖେ ଚାଲିଥାନ୍ତି, ସାଙ୍ଗରେ ମା କି ବାପ, ନୋହିଲେ ଚାକର, ଚାକରାଣୀ ଥାଆନ୍ତି, କିଏ କିଏ ଏକଲା ଏକଲା ନିଜେନିଜେ ଗପିଗପି ଚାଲିଥାନ୍ତି । ଏହିସବୁ ଦୃଶ୍ୟ ଦେଖି ଦେଖି ଗୋଟିଏ ଜାଗାରେ ମୋର ଆଖି ଲାଖି ଯାଇଥିଲା ।

ରାସ୍ତାର ଗୋଟିଏ କଡକୁ ବୁଢାଟିଏ ବସିଛି । ଆନୁମାନିକ ବୟସ ସତୁରି କି ପଞ୍ଚସ୍ତରି ହେବ । ଅଖା ଖଣ୍ଡିଏ ପଡିଛି, ବୁଢାଟି ବସିଛି । ଲଜ୍ୟା ନିବାରଣ ପାଇ ଅଣ୍ଟାରେ ଛିଡା କନା ଖଣ୍ଡିଏ ଲାଗିଛି । ତା'ର ଆଖିକୁ ଦେଖା ଯାଉନାହିଁ ବୋଧେ, ତଳକୁ ଗୋଟିଏ ହାତରେ ଅଣ୍ଟାଳୁଛି । ଗୋଟିଏ ହାତ ଖଣ୍ଡିଆ, ଗୋଡ ବି ଗୋଟିଏ ଅଛି । ବୁଢାର ଦେହଟି ଜିର୍ଣ୍ଣସାୟ, ପଳେ ମାଂସ ନାହିଁ, ଆଖିରୁ ଲୁହ ବହିଯାଉଛି, ହାତଟିରେ ପୋଛି ପକାଉଛି । ଚେପା ଗିନାଟିଏ ହାତରେ ଧରିଛି । ଯିଏ ସେ ପାଖ ଦେଇ ଯାଉଛି ହାତଟି ଟେକି ଦେଉଛି, କିନ୍ତୁ କେହି ହେଲେ ପଇସାଟିଏ ଦେଉନାହାନ୍ତି, ପୁଣି ହାତଟି ତଳକୁ ଖସିଆସୁଛି । କାହାର ନଜର ପଡୁନାହିଁ ତ କିଏ ନ ଦେଖିଲା ପରି ଚାଲି ଯାଉଛନ୍ତି । କେହିକେହି ତାକୁ ଚାହିଁ କଣକଣ ଗପି ପଳାଉଛନ୍ତି ।

ଅନୁମାନ କରିପାରିଲି ବୁଢାଟି ମନେମନେ ଭାବୁଚି ବୋଧେ ଠାକୁର ତା ଉପରେ କେତେ ଦୟାଳୁ, ଏତେ କଷ୍ଟରେ ବି ବଞ୍ଚିବାକୁ ଦେଇଛନ୍ତି । ବୁଢାଟିକୁ ଦେଖି କାହାର ହେଲେ ଟିକେ ଦୟା ହେଉନାହିଁ । ବୁଢାଟି ମୁରୁକି ହସିଦେଲା । ଏହି ଭଳି ବୁଢା ମାନଙ୍କ କଥା ଭାବିଭାବି ଲୁହ ଗଡାଇ ମଜି ରହିଲି, ହଠାତ୍ କାହାର ପରଶରେ ଚମକି ପଡିଲି । ସେ ମୋ

ଆଦରର ମିନାକ୍ଷୀ ଭାଉଜ । କହିଲେ, ''କିହୋ, କେଉଁ ରାଜକୁମାରଙ୍କୁ ଦେଖି ଭୋଳ ଯେ, ଚାହା ପିଆ ହୋଇନି''। ଏହା ଶୁଣି ମୁଁ ଆଉ କହିବି ବା କଣ, ଏତେ ଦଃଖରେ ବି, ତାଙ୍କ କଥା ଶୁଣି ହସିଦେଲି । ସେ ବୁଲିପଡି କହିଲେ, ''ହସି ଦେଲ ଯେ, ରାଜକୁମାରଙ୍କୁ ଦେଖାଇଲ ନାହିଁ'', କହି ଚାଲି ଯାଉଥିଲେ, ମୁଁ କହିଲି, ''ପାଖକୁ ଆସ ଦେଖିବ'' । ଭାଉଜ ଅତି ଖୁସିରେ ଦୌଡି ଆସିଲେ । ତଳକୁ ଚାହିଁଲେ, ବୁଢାଟି ଆଡେ ଆଙ୍ଗୁଳି ନିର୍ଦ୍ଦେଶ କରି ଦେଖାଇଲି, ଘଡିଏ ସ୍ତବ୍ଧ ହୋଇ ଠିଆହେଲେ । ଦୁଇ ଆଖିରୁ ଲୁହ ଗଡାଇ କାନି ପଣତରେ ପୋଛି ଆଦରର ନଣନ୍ଦକୁ କଷ୍ଟ ଦେଇଥିବାରୁ, 'ସରି' କହି ତଳକୁ ଚାଲିଗଲେ ।

କାଠଟି ପରି ଛିଡାହୋଇ ବୁଢା ମଉସାଙ୍କ କଥା ଭାବୁଛି, ମାମୁନିର ଡାକରେ ଚମକି ପଡିଲି । ତା' ସ୍କୁଲ୍ ବେଳ ହେଲାଣି, ଭାବନା ମୋର ସେହିଠାରେ ରହିଲା । ମାମୁନିକୁ ବିଦ୍ୟାଳୟ ନେବାକୁ ବାହାରିଗଲି । ବିଦ୍ୟାଳୟରୁ ଫେରିଲି, ଅଳସ ଅଳସ ଲାଗୁଥାଏ, କାମକୁ ଯିବାକୁ ମନ ହେଉନଥାଏ । ବୁଢା ମଉସାଙ୍କ କଥା ଭାବି ଦେହ, ମନ ଭାରି ଭାରି ଲାଗୁଛି । ଦୋକାନକୁ ଯାଇ ଧୋତି ଖଣ୍ଡିଏ, ଗାମୁଛା ଟିଏ, ସାର୍ଟ ଖଣ୍ଡିଏ, ଘୋଡାଇ ହେବାକୁ ଚାଦରଟିଏ କିଣି ଫେରିଲି । କିଣି ସାରିବା ପରେ ମନଟି ଖୁବ ହାଲୁକା ଲାଗିଲା, । ଭାବିଲି ଆଗ ଯାଇ ବୁଢା ମଉସାଙ୍କୁ ଦେବି । ସେ ଭାରି ଖୁସି ହେବେ, ତା ପରେ ଘରକୁ ଯିବି ।

ବୁଢା ମଉସାଙ୍କର ଯେତିକି ନିକଟତର ହେଉଥାଏ, ମନ ସେତିକି ବିଚଳିତ ହେଉଥାଏ । ବୁଢା ମଉସାଙ୍କ ପାଖରେ ପହଞ୍ଚି ଦେଖିଲି ବେଶ୍ ଗହଳି, ପୋଲିସ୍ ମଧ୍ୟ ଅଛି । କାରଣ ଜାଣିବାକୁ ଚେଷ୍ଟା କଲି, କେହି କିଛି କହୁନଥିଲେ, ଗହଳି ଠେଲି ଆଗକୁ ଗଲି । ମନରେ ଆଶଙ୍କା ଆସୁଥିଲା, ମଉସା ଭଲରେ ଥାନ୍ତୁ ବୋଲି ମନରେ ଠାକୁରଙ୍କୁ ମୁଣ୍ଡିଆଟିଏ ମାରିଲି । ପାଖକୁ ଯାଇ ଯାହା ଦେଖିଲି ସ୍ତବ୍ଧ ହୋଇ ରହିଗଲି । ମଉସା ଆଉ ଏପାରିରେ ନାହାନ୍ତି । ଆଖିରୁ ଦୁଇଧାର ଲୁହ ଗଡିଆସିଲା, କିଣା ଲୁଗାପଟା ତାଙ୍କ ପାଖରେ ଥୋଇ ଚାଲିଆସିଲି । ଯେତେ ଚେଷ୍ଟା କଲେ ବି ଭୁଲି ହୁଅନା, ଏ ତ ଜୀବନର ଅଭୁଲା ସ୍ମୃତି ।

Smt. Sarojini Misra
HIG- 293, Kalinga Bihar, K-5, Bhubaneswar-19, Odisha